# ଉତ୍କଳ ପ୍ରସଙ୍ଗ







"ଚାଲିବାକୁ ହେବ
ମାଇଲ ମାଇଲ ପଥ"




ରାଜଭବନରେ ରାଜ୍ୟପାଳଙ୍କଠାରୁ ପ୍ରିନ୍ସ ଅଫ୍ ୱେଲ୍ସ୍ ଉପହାର ଗ୍ରହଣ କରୁଛନ୍ତି ।



ଭୁବନେଶ୍ୱର ଦିଲ୍ଲୀ ମଧ୍ୟରେ ବୋଇଂ ବିମାନ ଚଳାଚଳ ଆରମ୍ଭ ।

## ସୂଚୀପତ୍ର

ପୃଷ୍ଠା ୧ ଓଡ଼ିଶାରେ ନଗର ଉନ୍ନୟନର କେତୋଟି କଥା ।
ଶ୍ରୀ ବସନ୍ତ କୁମାର ବିଶ୍ୱାଳ

୪ ଶତାବ୍ଦୀର ଶ୍ରେଷ୍ଠ ସପ୍ତତାଳ ମୁଗୁନି ବିଗ୍ରହ
ଶ୍ରୀ ସଦାଶିବ ରଥଶର୍ମା

୭ ଶିଳ୍ପବିକାଶ ଓ କର୍ମନିଯୁକ୍ତି
ଶ୍ରୀ ବିବେକାନନ୍ଦ ପଟ୍ଟନାୟକ

୯ ଗ୍ରାମ୍ୟ ବେକାର ସମସ୍ୟା
ଡକ୍ଟର ବୈଦ୍ୟନାଥ ମିଶ୍ର

୧୧ ଓଡ଼ିଶାର ଦୁଗ୍ଧବନ୍ୟା ଯୋଜନା
ଡାଃ. ସୁଧୀଶ୍ୱର ପଣ୍ଡା

୧୩ ଅକ୍ଷମ ପିଲା—ତା'ର ଶିକ୍ଷା ଓ ଥଇଥାନ
ଶ୍ରୀ ଜଗନ୍ନାଥ ପଣ୍ଡା

୧୬ ଜଗତିର ସାଂସ୍କୃତିକ ତାତ୍ପର୍ଯ୍ୟ
ଅଧ୍ୟାପକ ଚିନ୍ତାମଣି ବେହେରା

୧୯ ସମୟର ଆହ୍ୱାନ : ଅଧିକ ଉତ୍ପାଦନ
ହେନାମଣି ଲକ୍ଷ୍ମୀକାନ୍ତ

୨୧ ଶପଥ ପୂରଣ ଦିଗରେ ଏକ ବର୍ଷ



ଉତ୍କଳ ପ୍ରସଙ୍ଗ
୧୯୮୧ ଜୁନ
ଜ୍ୟେଷ୍ଠ ୧୯୦୩ ଶକାବ୍ଦ
୩୭ ଭାଗ
ଏକାଦଶ ସଂଖ୍ୟା

ମୁଖ୍ୟ ସମ୍ପାଦକ : ଶ୍ରୀ ମିହିର କୁମାର ସାଉ
ସମ୍ପାଦକ : ଶ୍ରୀ ବିପିନ ବିହାରୀ ପଟ୍ଟନାୟକ
ସହକାରୀ ସମ୍ପାଦକ : ଡକ୍ଟର ସତ୍ୟନାରାୟଣ ନନ୍ଦ
ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ : ଶ୍ରୀ ବି. ମହାରଥା
ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ ୧୦.୦୦ ପ୍ରତି ଖଣ୍ଡ ୧.୦୦

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ' ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

**ଉତ୍କଳ ପ୍ରସଙ୍ଗ** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

# ଓଡ଼ିଶାରେ ନଗର ଉନ୍ନୟନର କେତୋଟି କଥା


ଶ୍ରୀ ବସନ୍ତ କୁମାର ବିଶ୍ୱାଳ
ରାଷ୍ଟ୍ରମନ୍ତ୍ରୀ
ଗୃହ ନିର୍ମାଣ ଓ ନଗର ଉନ୍ନୟନ
ଖଣି ଓ ଭୂତତ୍ତ୍ୱ


ପୃଥିବୀର ବିଭିନ୍ନ ଅଞ୍ଚଳରେ ସଭ୍ୟ ମାନବ ବସତିମାନ ନଦୀ କୂଳରେ ଗଢ଼ି ଉଠିଥିଲା । ଅନୁରୂପ କାରଣ ଯୋଗୁ କ୍ରମାନ୍ୱୟେ ନଦୀକୂଳମାନଙ୍କରେ ମଧ୍ୟ ସହରମାନ ବସିଲା । ଭାରତବର୍ଷରେ ତଥା ଓଡ଼ିଶାରେ ଅଧିକାଂଶ ସହର ନଦୀକୂଳରେ ଅବସ୍ଥିତ । ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳର ଜନବସତି ଅଧିକ ଘଞ୍ଚ । ଘନ ଜନବସତି ପାଇଁ ପାନୀୟଜଳ ନିମନ୍ତେ ନଦୀ ଏବଂ ନଦୀକୂଳବର୍ତ୍ତୀ ଅଞ୍ଚଳ ଯେଉଁଠି ପାନୀୟଜଳ ସୁଲଭ ସେ ଅଞ୍ଚଳ ନିର୍ଭରଯୋଗ୍ୟ ବୋଲି ଧରାଯାଇଛି । ଭାରତବର୍ଷରେ ମୋଟ ୧୪୨ଟି ପ୍ରଥମଶ୍ରେଣୀ ସହର ମଧ୍ୟରୁ ୧୧୦ଟି ନଗରୀର ପାନୀୟଜଳ ଯୋଗାଣ ନଦୀରୁ ହେଉଛି । ୧୯୦ଟି ଦ୍ୱିତୀୟ ଶ୍ରେଣୀ ସହର ମଧ୍ୟରୁ [illegible]ଟି ନଦୀ କୂଳରେ ଅବସ୍ଥିତ । ଏଥିରୁ ସ୍ପଷ୍ଟ ଅନୁମେୟ, ଅନ୍ୟାନ୍ୟ ଯାହା କାରଣ ଥାଉନା କାହିଁକି, ସହର ଗଢ଼ି ଉଠିବା ପାଇଁ ସ୍ଥାନ ନିରୂପଣ କଲାବେଳେ ସବୁକାଳରେ ପାନୀୟ ଜଳର ସୁଲଭତା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ମାତ୍ର ସହର ସୃଷ୍ଟି ପଛରେ ବିଭିନ୍ନ କାରଣ ଥାଇପାରେ । ଐତିହାସିକ କାରଣରୁ ସହର ସୃଷ୍ଟିହୋଇଥାଏ । କଟକ ସହର ଗୋଟିଏ ଐତିହାସିକ ସହର । କାଳକ୍ରମେ ଏହା ଶାସନ କେନ୍ଦ୍ର ଏବଂ ବ୍ୟବସାୟ ବାଣିଜ୍ୟ କେନ୍ଦ୍ର ରୂପେ ବଢ଼ି ଚାଲିଲା । କେବଳ ଶାସନଗତ କାରଣରୁ ମଧ୍ୟ ସହର ସୃଷ୍ଟି ହୋଇଥାଏ । ପୁରାତନ ରାଜାମାନେ ସେମାନଙ୍କର ରାଜଧାନୀକୁ ସହର ରୂପେ ଗଢ଼ିଥିଲେ । ବ୍ରିଟିଶ ସରକାର ପ୍ରଦେଶକୁ ଜିଲ୍ଲାରେ ବିଭକ୍ତ କରି କର ଆଦାୟ କରିବାକୁ କଲେକ୍ଟର ନିଯୁକ୍ତ କରିଥିଲେ । ଜିଲ୍ଲାର ସଦର ମହକୁମା ଶାସନଗତ ପ୍ରାଧାନ୍ୟରୁ ସହର ରୂପେ ଗଢ଼ି ଉଠିଲା । ବାଲେଶ୍ୱର, ବାରିପଦା ଓ ଛତ୍ରପୁର ପ୍ରାୟ ଏହି ଶ୍ରେଣୀର ସହର ବୋଲି କୁହାଯାଇପାରେ । ଧର୍ମ ପ୍ରଧାନ ପ୍ରାଚୀନ ଓଡ଼ିଶାରେ କେତେକ ତୀର୍ଥସ୍ଥଳୀକୁ ବହୁଯାତ୍ରୀ ସମାଗମ ହେଉଥିଲା । ପୁରୀ ଭାରତବର୍ଷରେ ତୀର୍ଥସ୍ଥଳୀମାନଙ୍କ ମଧ୍ୟରେ ଅନ୍ୟତମ । ସମୁଦ୍ର କୂଳରେ ବନ୍ଦର ପ୍ରତିଷ୍ଠିତ ହେଲେ ବନ୍ଦର ଭିତ୍ତିକ ସହରର ସୃଷ୍ଟି ହୁଏ । ଆମ ରାଜ୍ୟର ଗୋପାଳପୁର ଓ ପାରାଦୀପ ଏହି ଶ୍ରେଣୀର ସହର । ଶିଳ୍ପ ପ୍ରତିଷ୍ଠା ଫଳରେ ରାଉରକେଲା ସହରର ସୃଷ୍ଟି । ଆଶା କରାଯାଏ ପ୍ରଗତିଶୀଳ ଶିଳ୍ପନୀତିର ଆକୃଷ୍ଟ ହୋଇ ବହୁ ଶିଳ୍ପୋଦ୍ୟୋଗୀ ଆମ ରାଜ୍ୟରେ ଶିଳ୍ପ ସ୍ଥାପନ କରିବାକୁ ଆଗେଇ ଆସିଲେ ନୂଆ ନୂଆ ଶିଳ୍ପାଞ୍ଚଳକୁ ନେଇ ସହର ଗଢ଼ି ଉଠିବ ।

ସହରର କେତୋଟି ଲକ୍ଷ୍ୟଣୀୟ ଦିଗ ହେଲା ପ୍ରାକୃତିକ ଅବସ୍ଥିତି, ଜନସଂଖ୍ୟା ବୃଦ୍ଧି, ଅଧିବାସୀମାନଙ୍କର ମୁଖ୍ୟ ଧନ୍ଦା ବା ବୃତ୍ତି, ଗମନାଗମନ, ବାସଗୃହ, ଜଳଯୋଗାଣ, ପରିମଳ ଓ ଜଳ ନିଷ୍କାସନ ବ୍ୟବସ୍ଥା, ସୁସ୍ଥ ବେଷ୍ଟନୀ ସୃଷ୍ଟି ଓ ତା'ର ସୁରକ୍ଷା ଇତ୍ୟାଦି ।

ସହରର ବିକାଶ ତାହାର ପ୍ରାକୃତିକ ଅବସ୍ଥିତି ଉପରେ ବହୁଭାବରେ ନିର୍ଭର କରେ । ପାହାଡ଼ ଉପରେ ସହରଟିଏ ଗଢ଼ି ଉଠିଲେ ତା'ର ପରିସର ବୃଦ୍ଧି ସହଜ ହୁଏ ନାହିଁ । ପ୍ରାକୃତିକ ଅବସ୍ଥିତି ଜନିତ ସମସ୍ୟା ଲାଗି କଟକ ଗୋଟିଏ ସ୍ପଷ୍ଟ ଉଦାହରଣ । ସହରର ଦୁଇ ଦିଗରେ ଦୁଇଟି ନଦୀ । ତା' ମଝିରେ ସହରଟି ଅପେକ୍ଷାକୃତ ନିମ୍ନସ୍ତରରେ ଅବସ୍ଥିତ । ତେଣୁ ଜଳ ନିଷ୍କାସନ ଏବଂ ପରିମଳ ବ୍ୟବସ୍ଥା ବହୁ ବ୍ୟୟସାପେକ୍ଷ ହୋଇ ରହିଛି । ଦୁଇଟି ଦିଗରେ ସହରର ପ୍ରସାର ଅସମ୍ଭବ । ଗୋଟିଏ ଦିଗକୁ ସହର ବଢ଼ି ଚାଲିଛି । ସହରର ମୁଖ୍ୟ ସ୍ଥାନମାନଙ୍କରେ ବା ତାହାର ନିକଟରେ ରହିବାକୁ ଅଧିକ ଲୋକ ଚାହୁଁଥିବାରୁ ବସ୍ତିଯୋଗ୍ୟ ଏବଂ ଆପାତତଃ ବସ୍ତି ପାଇଁ ଅଯୋଗ୍ୟ ଅଞ୍ଚଳରେ ମଧ୍ୟ ଜମି ଉପରେ ଚାହିଦା ବହୁତ ବଢ଼ୁଛି । ସହର ଭିତରେ ଜମିର ବହୁ ମିଶ୍ରିତ ବ୍ୟବହାର ଚାଲିଛି । ପୁରୀ ସହର ସମୁଦ୍ର କୂଳରେ ଅବସ୍ଥିତ ହୋଇ ଥିବାରୁ ଏ ସହରରେ ଜଳ ନିଷ୍କାସନର ସମସ୍ୟା ନାହିଁ ! ଏହା ପ୍ରାୟ ପ୍ରାକୃତିକ ପ୍ରଣାଳୀରେ ସଂଘଟିତ ହୋଇଥାଏ ।

ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ସହରର ପରିସର ବୃଦ୍ଧି ହେବା ଆବଶ୍ୟକ । ଜନସଂଖ୍ୟା ବୃଦ୍ଧି ଫଳରେ ରାସ୍ତାରେ ଅଧିକ ଯାତ୍ରୀ ଏବଂ ଯାନ ଯିବା ଆସିବା କରିବେ । ବାସଗୃହ ନିର୍ମାଣ ଏବଂ ଅନ୍ୟ ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଉପରେ ନିୟନ୍ତ୍ରଣ ରଖା ନ ଗଲେ କେତେକ ଅଞ୍ଚଳରେ ଜନବସତି ବହୁତ ଘନ ହେବ ଏବଂ ସେହି ଅଞ୍ଚଳରେ ବାସଗୃହ, ଦୋକାନ

ଆଦିର ସୁବିଧା ବହୁତ ବଢ଼ିବ । ଫଳରେ ସେଠାରେ ଲୋକେ ଅଧିକ ମହଲା ବିଶିଷ୍ଟ ଗୃହ ନିର୍ମାଣ କରି ଉର୍ଦ୍ଧ୍ୱକୁ ସହରର ପ୍ରସାର କରି ଚାଲିବେ । ଏହା ଫଳରେ କେତେକ ସମସ୍ୟା ଉପୁଜିବ ଯାହାର ସମାଧାନ ଜଟିଳ । ଉଦାହରଣ ସ୍ୱରୂପ – କଟକର ହିନ୍ଦ ସିନେମାଠାରୁ ଜୀବନବୀମା ଅଫିସ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଅଛି । ଏ ଅଞ୍ଚଳର ଗୁରୁତ୍ୱ ଦୃଷ୍ଟିରୁ କାଳକ୍ରମେ ଯଦି ରାସ୍ତାର ଦୁଇ ପାଖରେ ଦଶ ମହଲା ଘର ହୁଏ ତେବେ ସେହି ଘରମାନଙ୍କରୁ ଯେତେ ଲୋକ ବାହାରି ରାସ୍ତାକୁ ଆସିବେ ସେହିମାନଙ୍କ ପାଇଁ ଏ ରାସ୍ତା ଯଥେଷ୍ଟ ହେବନାହିଁ । ସେମାନଙ୍କର ଏବଂ ସେମାନଙ୍କ ପାଖକୁ ତଥା ଏ ଅଞ୍ଚଳକୁ ଆସୁଥିବା ଯାନ ପାଇଁ ସ୍ଥାନର ଯଥେଷ୍ଟ ଅଭାବ ହେବ । ଏ ମୁଖ୍ୟ ରାସ୍ତାଟିକୁ ଛାଡ଼ି ଅନ୍ୟ କୌଣସି ପଟେ ଯାନଗୁଡ଼ିକର ବା ପଦଯାତ୍ରୀଙ୍କର ଜୀବନ-ବୀମା ଅଫିସ ପାଖରୁ ହିନ୍ଦ ସିନେମା ପାଖକୁ ଆସିବାର ବ୍ୟବସ୍ଥା କଷ୍ଟକର ହେବ । ଏଣୁ ଜନସଂଖ୍ୟା ବୃଦ୍ଧି ପ୍ରତି ଦୃଷ୍ଟି ରଖି ସହରାଞ୍ଚଳର ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବା ଏବଂ ତାକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ମାଷ୍ଟରପ୍ଲାନ୍ ପ୍ରଗତିଶୀଳ ହେବା ବିଧେୟ ।

ଅଧିବାସୀମାନଙ୍କର ମୁଖ୍ୟ ଧନ୍ଦା ବା ବୃତ୍ତି ନଗର ଉନ୍ନୟନ ଯୋଜନାର ଅନ୍ୟତମ ଲକ୍ଷ୍ୟଣୀୟ ଦିଗ । ଭୁବନେଶ୍ୱରରେ କେବଳ ସରକାରୀ ବା ବେସରକାରୀ ଅଫିସ ବଢ଼ି ଚାଲିଲେ ସେହି ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ଜନସଂଖ୍ୟା ବୃଦ୍ଧି ହେବ । ଅଫିସ କାର୍ଯ୍ୟକାଳ ଦିନ ଦଶଟାରୁ ପାଞ୍ଚଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହେଲେ କର୍ମଚାରୀମାନଙ୍କର ଅଫିସକୁ ଯିବା ଏବଂ ଆସିବା ସମୟରେ ରାସ୍ତାରେ ପଦଯାତ୍ରୀ ଏବଂ ଯାନ-ମାନଙ୍କର ପ୍ରବଳ ଭିଡ଼ ହେବ । ଅଥଚ ଅନ୍ୟ ସମୟରେ ରାସ୍ତା ସବୁ ଅନେକାଂଶରେ ଖାଲି ରହିବ । ଅଧିକ ଭିଡ଼ ସମୟରେ ଯାତ୍ରୀମାନଙ୍କୁ କର୍ମସ୍ଥଳୀକୁ ବା କର୍ମସ୍ଥଳୀରୁ ନେବାକୁ ଯେଉଁ ଯାନମାନଙ୍କର ବ୍ୟବହାର କରାଯିବ ଅନ୍ୟ ସମୟରେ ସେ ସବୁର ଲାଭଜନକ ବ୍ୟବହାର ହେବା ହୁଏତ କଷ୍ଟକର ହୋଇ-ପାରେ । କାରଣ ଅଧିବାସୀମାନଙ୍କର ମୁଖ୍ୟ ଧନ୍ଦା ଅଫିସ କାମ ହୋଇଥିବାରୁ ଅଫିସ ସମୟରେ ରାସ୍ତାରେ ସବୁ ଅଞ୍ଚଳରେ ଯଥେଷ୍ଟ ଯାତ୍ରୀ ରହି ନ ପାରନ୍ତି । ଏପରି ସମସ୍ୟାକୁ କେତେକାଂଶରେ ସମାଧାନ କରିବାକୁ କେତେକ ସହରରେ ଅଫିସ ସମୟ ଭିନ୍ନ ଭିନ୍ନ କରି ଦିଆଯାଏ । ତୀର୍ଥ ପ୍ରଧାନ ସହରରେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ବହୁ ଯାତ୍ରୀ ସମାଗମ ହୁଏ । ସେଥିପାଇଁ ସହସା ବଢ଼ି ପୁଣି ଛିଡ଼ି ଯାଉଥିବା ଜନ-ସମାଗମ ଲାଗି ସହରରେ ବାସଗୃହ, ପରିମଳ ବ୍ୟବସ୍ଥା ଏବଂ ପାନୀୟଜଳର ବ୍ୟବସ୍ଥା ହେବା ଆବଶ୍ୟକ । ପୁରୀ ସହରରେ ବଡ଼ଦାଣ୍ଡର ପରିକଳ୍ପନା, ଶ୍ରୀମନ୍ଦିରର ମହାପ୍ରସାଦ ବ୍ୟବସ୍ଥା ବାସ୍ତବିକ ଆଦର୍ଶ ନଗର ଉନ୍ନୟନ ଯୋଜନା ।

ସହରରେ ଗମନାଗମନ ଲାଗି ପ୍ରଶସ୍ତ ରାସ୍ତାର ଆବ-ଶ୍ୟକତା ବହୁତ ବେଶୀ । ରାଜ୍ୟର ପୁରୁଣା ସହରରେ ପ୍ରଶସ୍ତ ରାସ୍ତାର ଅଭାବ ସମସ୍ତେ ଅନୁଭବ କରୁଛନ୍ତି । ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ଶ୍ରେଣୀ ବିଭାଗକ୍ରମେ ରାସ୍ତାର ଚଉଡ଼ା ସ୍ଥିର ହେବା ଉଚିତ । ରାସ୍ତାଗୁଡ଼ିକ ପରସ୍ପରକୁ ସମକୋ ଛେଦ କଲେ ଯାନ ଓ ଯାତ୍ରୀମାନଙ୍କ ପ୍ରତି ଯେ ବିପଦ ହୁଏ । କୌଣସି ବାସଗୃହରୁ ପ୍ରଧାନ ରାସ୍ତାକୁ ସିଧା ଆସିବା ପରିବର୍ତ୍ତେ ବାସଗୃହରୁ ଅନ୍ୟ ଏକ ଆସି ପ୍ରଧାନ ରାସ୍ତାରେ ପହଞ୍ଚି ପାରିବା ଭଳି ରାସ୍ତାର ହେବା ଉଚିତ୍ । ରାସ୍ତାରେ କେଉଁ ପ୍ରକାର ଯାନ ଯିବ, ଦିଗରୁ ଯିବ, କେଉଁ ରାସ୍ତାରେ ଯାନ ଆଦୌ ଯିବ ଅଟକି ରହିବ ନାହିଁ ତାହା ମଧ୍ୟ ଯେତେଦୂର ସମ୍ଭବ ହେବା ଆବଶ୍ୟକ । ସହରରେ ପଦଯାତ୍ରୀଙ୍କ ସର୍ବାଧିକ । ଆମର ଅଧିକାଂଶ ସହରର ରାସ୍ତାଗୁଡ଼ି ପଦଯାତ୍ରୀଙ୍କ ପାଇଁ ସୁବିଧାଜନକ ଚଲାବାଟ ଅପ୍ରଶସ୍ତ ରାସ୍ତାଗୁଡ଼ିକରେ ସ୍ୱତନ୍ତ୍ର ଚଲାବାଟ ରହିବା ନୁହେଁ । ମାତ୍ର ସହରର ବୃଦ୍ଧି ହାରକୁ ଦୃଷ୍ଟିରେ ରଖି ରାସ୍ତାମାନଙ୍କରେ ଉଭୟ ପାର୍ଶ୍ୱରେ ଯେଉଁଠି ସମ୍ଭବ ବାଟର ବ୍ୟବସ୍ଥା ହେଲେ ପଦଯାତ୍ରୀଙ୍କର ସୁବିଧା ହେବ ।

ସହରର ପରିବେଶ କୃତ୍ରିମ । ବହୁ ପ୍ରତିଯୋଗିତା ସହର ଜୀବନ ଜଞ୍ଜାଳଗ୍ରସ୍ତ । ସହରର ପରିବେଶ ସୁସ୍ଥ ରଖିବାକୁ ହେଲେ ମୌଳିକ ପରିମଳ ବ୍ୟବସ୍ଥା ଜଳଯୋଗାଣ ଏବଂ ଅପରିଚ୍ଛନ୍ନ ବା ପରିତ୍ୟକ୍ତ ଦ୍ରବ୍ୟ ନିଷ୍କାସନକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ । ଦେଶ ସହରାଞ୍ଚଳରେ ଯେତେ ଲୋକ ରହନ୍ତି ତାହାର ଅଧାରୁ ଲୋକେ ୧୪୨ଟି ପ୍ରଥମ ଶ୍ରେଣୀ ନଗରୀରେ ରହନ୍ତି ଯେଉଁ ଲୋକସଂଖ୍ୟା ଏକ ଲକ୍ଷରୁ ଅଧିକ । ଦେଶର ୧୯୦ଟି ଦ୍ୱିତୀୟ ଶ୍ରେଣୀ ସହରରେ ଯହିଁରେ ଲୋକସଂଖ୍ୟା ୫୦,୦୦ ରୁ ୧,୦୦,୦୦୦ ତହିଁରେ ମୋଟ ୧୨୭ ଲକ୍ଷ ଲୋକ ରହନ୍ତି । ପାଞ୍ଚଲକ୍ଷ ଲୋକଙ୍କୁ ବାଦଦେଲେ ଅନ୍ୟ ସମସ୍ତ ଲୋକଙ୍କ ପାଇଁ ପାନୀୟ ଜଳଯୋଗାଣର ସୁବ୍ୟବସ୍ଥା ଅଛି । ଓଡ଼ିଶାରେ ୧୯୯୦ ସୁଦ୍ଧା ସମସ୍ତ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି । ୧୯୮୧ରୁ ୧୯୯୦ ପର୍ଯ୍ୟନ୍ତ ଦଶନ୍ଧିରେ ଆନ୍ତର୍ଜାତିକ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ଜାତିସଂଘ ତରଫରୁ ନିଷ୍ପତ୍ତି କରାଯାଇଛି । ସହରାଞ୍ଚଳର ଜଳଯୋଗାଣ ଯୋଜନା କଲାବେଳେ ଜନ ସଂଖ୍ୟା ବୃଦ୍ଧିହାର ପ୍ରତି ଦୃଷ୍ଟି ଦେବାକୁ ହେବ । ଆମ ଦେଶର ସହରାଞ୍ଚଳରେ ମଇଳା ନିଷ୍କାସନ ବ୍ୟବସ୍ଥା ସନ୍ତୋଷଜନକ ନୁହେଁ । ଆମ ରାଜ୍ୟରେ ମଧ୍ୟ ଏ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହେବାକୁ ଅଛି । ୧୯୯୦ ସୁଦ୍ଧା ପ୍ରଥମ ଶ୍ରେଣୀ ସହରା ଞ୍ଚଳରେ ଏ ବ୍ୟବସ୍ଥା ସଂପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଉଛି ।

ଆମର ସହରମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱତଃ ସ୍ଫୂର୍ତ୍ତ ଉଠିଛନ୍ତି । ଭୁବନେଶ୍ୱର, ପାରାଦୀପ ଏବଂ ରାଉରକେଲାକୁ ଛାଡ଼ିଦେଲେ ପ୍ରାୟ ଅନ୍ୟ କୌଣସି ସହର ପାଇଁ ନିର୍ଦ୍ଦିଷ୍ଟ ନକ୍ସା ପ୍ରସ୍ତୁତ କରାଯାଇ ସହର ସ୍ଥାପନ କରାଯାଇ ନାହିଁ । ପ୍ରତି ସହରର ସ୍ୱତନ୍ତ୍ର ସମସ୍ୟା ଅଛି । ପୁରୀ ସହରକୁ ତୀର୍ଥ ଯାତ୍ରୀ ଏବଂ ଭ୍ରମଣକାରୀମାନେ ବହୁ ସଂଖ୍ୟାରେ ଆସନ୍ତି । ସେମାନଙ୍କର ସଂଖ୍ୟାରେ ବୃଦ୍ଧି ହାରକୁ ଦୃଷ୍ଟିରଖି ଯଥେଷ୍ଟ କଟେଜ୍, ହୋଟେଲ, ପାନ୍ଥନିବାସ ଏବଂ ଧର୍ମଶାଳା ନ ...

ଆବଶ୍ୟକତାର ସ୍ତରରେ ବାସଗୃହଗୁଡ଼ିକ 'ହଲିଡ଼େ ହୋମ୍' ହୋଟେଲ ରୂପେ ବ୍ୟବହୃତ ହେଉଛି । ଭୁବନେଶ୍ୱରରେ ରାଜଧାନୀ ହେବା ପରେ କଟକର ଶାସନଗତ ପ୍ରାଧାନ୍ୟ ଅନେକାଂଶରେ କମିଛି ମାତ୍ର ବାଣିଜ୍ୟ କେନ୍ଦ୍ର ରୂପେ ଏହା ଓଡ଼ିଶାର ସର୍ବଶ୍ରେଷ୍ଠ ନଗରୀ । ବ୍ରହ୍ମପୁର ଏବଂ ସମ୍ବଲପୁର ମଧ୍ୟ ବାଣିଜ୍ୟ କେନ୍ଦ୍ର ରୂପେ ପ୍ରତିଷ୍ଠିତ । ଏହି ନଗରୀମାନଙ୍କର ଗୋଟିଏ ମୁଖ୍ୟ ସମସ୍ୟା ହେଲା ବାଣିଜ୍ୟ ଉଦ୍ଦେଶ୍ୟରେ ଏଥି ଭିତରକୁ ଆସୁଥିବା ଏବଂ ଏଥି ଭିତରୁ ବାହାରକୁ ଯାଉଥିବା ପଦାର୍ଥଗୁଡ଼ିକର ନେବା ଆଣିବାର ବ୍ୟବସ୍ଥା । ସହରରେ ସ୍ୱତନ୍ତ୍ର ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା ହୋଇ ନଥିବାରୁ ପ୍ରଧାନ ରାସ୍ତାର ଉଭୟ ପଟେ ବାସଗୃହ ରୂପେ ନିର୍ମିତ ଗୃହଗୁଡ଼ିକର ତଳମହଲାରେ ଦୋକାନ ବଜାର ଖୋଲିଛି । ତେଣୁ ବଜାର ଅଞ୍ଚଳରେ ଯାନ ରହିବାର ଯଥାରୀତି ବନ୍ଦୋବସ୍ତ ନାହିଁ । ଉଠା ଦୋକାନୀମାନେ ଜନବହୁଳ ବଜାର ଅଞ୍ଚଳରେ ଭଲ ବ୍ୟବସାୟ ହେଉଥିବା ଦୃଷ୍ଟିରୁ ରାସ୍ତାର ଉଭୟ କଡ଼ରେ ତାଙ୍କ ପସରା ମେଲି ବସନ୍ତି । ସେଠି କିଣିବା ଲୋକେ ରାସ୍ତାରେ ଭିଡ଼କରି କିଣନ୍ତି । ତେଣୁ ରାସ୍ତା ମଝିରେ ଯେଉଁଠି ଦ୍ରୁତଗାମୀ ଏବଂ ଅନ୍ୟ ଯାନମାନ ଚଳେ ଏବଂ ଅଟକି ରହେ ମଧ୍ୟ, ସେଠି ଲୋକମାନଙ୍କୁ ବି ଚାଲିବାକୁ ହୁଏ । ଏ ବ୍ୟବସ୍ଥା ସବୁଦିନ ଚାଲିବା ଅସମ୍ଭବ । ତେଣୁ ଜନସାଧାରଣଙ୍କର ସୁବିଧା ଲାଗି ଯଥା ସମ୍ଭବ ନିୟନ୍ତ୍ରଣ ଲାଗୁ ହେବାର ସମୟ ଆସିଯାଇଛି ବୋଲି ମନେ ହୁଏ ।

ରାଜଧାନୀ ହେବା ପୂର୍ବରୁ ଭୁବନେଶ୍ୱର ସହରର ତୀର୍ଥ ପ୍ରଧାନ ସହର ଏବଂ ପର୍ଯ୍ୟଟନ କେନ୍ଦ୍ର ରୂପେ ପ୍ରସିଦ୍ଧି ଥିଲା । ରାଜଧାନୀ ହେବା ପରେ ଶାସନ କେନ୍ଦ୍ର ହେତୁ ଏହାର ପ୍ରାଧାନ୍ୟ ଏବଂ ପରିସର ବଢିଛି । ଆମ ଦେଶରେ ଅହମଦାବାଦ (ଗାନ୍ଧୀ ନଗର) ନୂଆଦିଲ୍ଲୀ ଏବଂ ଚଣ୍ଡୀଗଡ଼ ଏହିପରି ଶାସନଗତ ପ୍ରାଧାନ୍ୟ ବିଶିଷ୍ଟ ନଗରୀ । ଉଦ୍ୟାନ ନଗରୀ ରୂପେ ପରିକଳ୍ପିତ ଭୁବନେଶ୍ୱରରେ ଏକର ପିଛା ଅତିବେଶୀ ୩୦-୪୦ ଲୋକ ରହିବେ ବୋଲି ନଗରୀର ନକ୍ସା ପ୍ରସ୍ତୁତ କରାଯାଇଥିଲା । ଭୁବନେଶ୍ୱରରେ କାର୍ଯ୍ୟସ୍ଥଳୀ କେନ୍ଦ୍ରୀଭୂତ ବୋଲି କୁହାଯାଇପାରେ । ବସ୍‌ଷ୍ଟାଣ୍ଡ ଏବଂ ମୁଖ୍ୟ ବଜାର ଅସୁବିଧାଜନକ ସ୍ଥାନରେ ଅବସ୍ଥିତ । ନଗରୀଟି ଚାରିଆଡ଼େ ବଢି ବଢି ଚାଲିଛି । ଯେତିକି ଲୋକ ହାରାହାରି ଏକର ପିଛା ରହିବେ ବୋଲି ବିଚାରକୁ ନିଆହୋଇ ସହରର ପରିକଳ୍ପନା ହୋଇଥିଲା ଏକର ପିଛା ଏବେ ମଧ୍ୟ ସେତିକି ଲୋକ ନାହାନ୍ତି । ବ୍ୟବସାୟ କେନ୍ଦ୍ର ହୁଏତ ନକ୍ସାରେ ନିରୂପିତ ହୋଇଛି, ମାତ୍ର ସେଠାରେ ବ୍ୟବସାୟର କେନ୍ଦ୍ର ନାହିଁ । ରାସ୍ତାରେ ଯାନର ନିୟନ୍ତ୍ରଣ ନ ଥିବାରୁ କେତେକ ପ୍ରଶସ୍ତ ରାସ୍ତାରେ ମଧ୍ୟ ଯାନଗୁଡ଼ିକ ସ୍ୱଚ୍ଛନ୍ଦରେ ଯାଇପାରିବା କ୍ରମେ କଷ୍ଟକର ହେଲାଣି । ମାଷ୍ଟରପ୍ଲାନ ଅନୁସାରେ ନଗରୀର ପ୍ରସାରକୁ ନିୟନ୍ତ୍ରଣ କରିବାକୁ ହେବ ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ । ନଗରୀର ଶୋଭା ବର୍ଦ୍ଧନ କରିବା ସକାଶେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ, ବୃକ୍ଷରୋପଣ କରିବାକୁ ହେବ । କ୍ରମଶଃ ରାସ୍ତାରେ ଯାନବାହନର ନିୟନ୍ତ୍ରଣ ମଧ୍ୟ ପ୍ରବର୍ତ୍ତନ କରିବାକୁ ହେବ ।

ରାଜଧାନୀର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ପାଇଁ ଦିଲ୍ଲୀ ଡେଭଲପ୍‌ମେଣ୍ଟ ଅଥରିଟି ପରି ଭୁବନେଶ୍ୱର ଡେଭଲପମେଣ୍ଟ ଅଥରିଟି ସ୍ଥାପିତ ହୋଇ ଏ ଦିଗରେ କାର୍ଯ୍ୟ କରିବ ବୋଲି ଆଶା କରାଯାଏ ।

ପ୍ରତ୍ୟେକ ସହରର ଲୋଭନୀୟ ଆକର୍ଷଣ ଅଛି । ସେହି କେନ୍ଦ୍ର ଗୁଡ଼ିକର ସର୍ବବିଧ ଉନ୍ନତି ସାଧନ କରିବାକୁ ହେବ । କଟକରେ ରେଭେନ୍‌ସା କଲେଜର ସୁଦୃଶ୍ୟ ଅଟ୍ଟାଳିକାରାଜି ଅଗଣିତ ଓଡ଼ିଆଙ୍କର କୈଶୋର ଏବଂ ଯୌବନର ସ୍ମୃତିରେ ସୁରମ୍ୟ । ସେହିପରି ଆଉ ଗୋଟିଏ ସ୍ଥାନ–ଗଡ଼ଗଡ଼ିଆ ଘାଟ । ଭକ୍ତ, ଯୋଗୀ, ଭୋଗୀ, ବୈରାଗୀଙ୍କର ସହସ୍ର ସଂଧ୍ୟାର ଭଜନପୀଠ ଶିବ ମନ୍ଦିର, ଅରଣ୍ୟ ବିହାରୀ ପ୍ରବଳ ଦନ୍ତୀର ମଦେ ଚନ୍ଦ୍ରାଙ୍କିତ ଯାର ନୀଳ ନୀର ସେହି ମହାନଦୀ, କପିଳେନ୍ଦ୍ରଦେବଙ୍କର ନବତଳପ୍ରାସାଦର ସ୍ମୃତିପୂତ ବାରବାଟି ଦୁର୍ଗ ପ୍ରାଙ୍ଗଣ, ବିକାଶୋନ୍ମୁଖ ଓଡ଼ିଆ ଯୁବକର କ୍ରୀଡ଼ା ପ୍ରାଙ୍ଗଣ ବାରବାଟୀ ଷ୍ଟାଡ଼ିୟମ୍, ଅତୀତର ନୌବାଣିଜ୍ୟର ସ୍ମାରକ କଟକର ସାର୍ବଜନୀନ ମିଳନ ମୁଖର ବାଲିଯାତ୍ରା ସ୍ଥଳୀ, ଏ ସବୁର ସମନ୍ୱୟ ସେଇଠି । ଏ ଅଞ୍ଚଳର ପରିବେଶକୁ ମନୋରମ କଲେ ନଗର ଜୀବନର ଆନନ୍ଦ ବର୍ଦ୍ଧନରେ ଏହା ସହାୟକ ହେବ । ଏହିପରି ଅଞ୍ଚଳମାନଙ୍କ ସହିତ ଗମନାଗମନର ସୁବ୍ୟବସ୍ଥା କଲେ ଏବଂ ସର୍ବସାଧାରଣ ବ୍ୟବହାର ନିମନ୍ତେ ପାଇଖାନା, ହୋଟେଲ ଆବଶ୍ୟକତାନୁଯାୟୀ କରାଗଲେ ଏସବୁ ଅଞ୍ଚଳର ବିକାଶ ହେବ ।

ପ୍ରତ୍ୟେକ ସହରର ଅପରିଷ୍କୃତ ଅପରିଚ୍ଛନ୍ନ ଅଞ୍ଚଳ ଅଛି । ଆର୍ଥିକ ସମ୍ବଳ ଭିତରେ ଏ ଅଞ୍ଚଳର ଯାହା ଉନ୍ନତି କରାଯିବା ସମ୍ଭବ ତାହା ନିଷ୍ଠାର ସହିତ କରାଗଲେ ଅବସ୍ଥାରେ ନିଶ୍ଚୟ ଉନ୍ନତି ଘଟିବ । ସହରର ମାଷ୍ଟର ପ୍ଲାନ୍ ଏଥିପାଇଁ ଦିଗଦର୍ଶକ ହୋଇ ପାରିବ । ନୂଆଦିଲ୍ଲୀରେ ସ୍କୁଟର ମରାମତି ଦୋକାନ ହଠାତ୍ ପାଇବା ବାହାରୁ ଆସିଥିବା କୌଣସି ଲୋକଙ୍କ ପକ୍ଷେ କଷ୍ଟକର । ଗଛ ଆଢୁଆଳରେ ବା ମାଟିକୁଦ ପଛରେ ତାହା ଏପରି ଭାବରେ ଅବସ୍ଥିତ ଯେ ବେଷ୍ଟନୀରେ ଏହା କୌଣସି ବିଶୃଙ୍ଖଳା ସୃଷ୍ଟି କରିପାରିବ ନାହିଁ । ଉନ୍ନତ ସହରର ରୁଚିସଂପନ୍ନ ବ୍ୟବସ୍ଥା ଆମ ସହରମାନଙ୍କରେ ପ୍ରଚଳିତ ହେବାରେ ଆମର ଆଗ୍ରହ ରହୁ—ତାହାହେଲେ ଆମର ସହର ସୁନ୍ଦର ହେବ ।

ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଜନଗହଳି ସ୍ଥାନମାନଙ୍କରେ ତଥା ଅନ୍ୟାନ୍ୟ ସ୍ଥାନମାନଙ୍କରେ ଶୌଚାଳୟର ବ୍ୟବସ୍ଥା ସବୁ ସହରରେ ରହିବା ଉଚିତ୍ । ପାଟନା ସହର ପରି ସୁଲଭ ଶୌଚାଳୟର ବ୍ୟବସ୍ଥା ଆମର କେତେକ ସହରରେ କରିବା ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଗଲାଣି । ଆବର୍ଜନାପୂର୍ଣ୍ଣ ବସ୍ତିର ଉନ୍ନତି କରିବାକୁ ହେବ ଏବଂ ସେଠାର ବାସିନ୍ଦାମାନଙ୍କୁ ସେମାନଙ୍କର କାମ କରୁଥିବା ଅଞ୍ଚଳ ସନ୍ନିକଟରେ ଥଇଥାନ କରିବାକୁ ହେବ । ସେମାନେ ସମାଜର ଦୁର୍ବଳ ଅଙ୍ଗ ମାତ୍ର ଅପରିହାର୍ଯ୍ୟ । ସେମାନଙ୍କର ଉନ୍ନତି ସମସ୍ତଙ୍କର କାମ୍ୟ ଏବଂ କର୍ତ୍ତବ୍ୟ ।

ନଗର ଉନ୍ନୟନ କାର୍ଯ୍ୟକ୍ରମରେ ନିୟନ୍ତ୍ରଣାତ୍ମକ ପନ୍ଥାର ପ୍ରୟୋଜନ ଅଛି । ଆମ ଦେଶରେ ସର୍ବ ପ୍ରଥମ ସ୍ୱାୟତ୍ତ ଶାସନ ସଂସ୍ଥା ହେଉଛନ୍ତି ମ୍ୟୁନିସିପାଲିଟିମାନେ । ସେମାନଙ୍କ

ଜରିଆରେ ଏବଂ ନଗର ଉନ୍ନୟନ ସଂସ୍ଥାମାନଙ୍କ ଜରିଆରେ ଜନସାଧାରଣଙ୍କର ସମର୍ଥନ ଏବଂ ସହଯୋଗରେ ହିଁ ନଗର ଉନ୍ନୟନ ସଫଳ ହୋଇ ପାରିବ । ମାଷ୍ଟର ପ୍ଲାନ୍‌ରେ କେବଳ କେଉଁଠି କ'ଣ ହେବ କହିଲେ ତାହା ଯଥେଷ୍ଟ ହୋଇ ନ ପାରେ । ପ୍ରତ୍ୟେକ ବ୍ୟବହାର ନିମନ୍ତେ ମାଷ୍ଟର ପ୍ଲାନ୍‌ରେ ସ୍ଥାନ ନିର୍ଦ୍ଦିଷ୍ଟ ହେବା ଉଚିତ୍ ଏବଂ ନିର୍ଦ୍ଦିଷ୍ଟ ସ୍ଥାନ କେବଳ ସେହି ବ୍ୟବହାରରେ ଲାଗିବା ଉଚିତ୍ । ଉନ୍ନୟନ ଯୋଜନା କେବଳ ସହରର ଦୈର୍ଘ୍ୟ ପ୍ରସ୍ଥର ବିସ୍ତୃତିକୁ ଆଧାର ନ କରି ସହରର ଦୈର୍ଘ୍ୟ ପ୍ରସ୍ଥ ଉଚ୍ଚତା ବିଶିଷ୍ଟ ପୂର୍ଣ୍ଣ ଅବୟବ ନିମନ୍ତେ ପ୍ରସ୍ତୁତ ହେବା ଆବଶ୍ୟକ ।

ନଗର ଉନ୍ନୟନ ଏପରି ହେବା ଉଚିତ୍ ଯେଉଁଥିରେ ଆମର ସାଂସ୍କୃତିକ ଜୀବନର ପ୍ରତିଫଳନ ରହିବ । ଲଣ୍ଡନ, ନ୍ୟୁୟର୍କ ବା ବମ୍ବେକୁ ସବୁ ବିଷୟରେ ଅନୁକରଣ ନ କରି ମଧ୍ୟ ଆମର ନଗରର ବିକାଶ କରାଯାଇ ପାରେ । ଓଡ଼ିଶାର ଗ୍ରାମମାନଙ୍କରେ ପ୍ରତ୍ୟେକ ପରିବାରର ଦାଣ୍ଡରେ ତୁଳସୀ ଚଉରା । କେତେକ ଗ୍ରାମରେ ଏପଟୁ ପ୍ରହିଲେ ଗ୍ରାମର ଶେଷମୁଣ୍ଡ ଯାଏ ଧାଡ଼ିହୋଇ ତୁଳସୀ ଚଉରା ଦେଖାଯିବ । କାହିଁ, ସହରରେ ଓଡ଼ିଆମାନଙ୍କର ଘର ଆଗରେ ତୁଳସୀ ଚଉରାତ ନାହିଁ । ଏହା ତୁଳସୀ ଚଉରା ପ୍ରତି ଅନାସକ୍ତି ଯୋଗୁ ନୁହେଁ । ଅହେତୁକ ଭାବରେ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ କରୁ କରୁ ଅଜ୍ଞତା ଭାବରେ ଆମର ଆସ୍ଥାବିଷୟକୁ ଆମେ ଅବହେଳା କରିଛୁ । ଆମର ସ୍ଥପତିମାନେ ଘରର ନକ୍ସା କାଟିବା ବେଳେ ସ୍ୱକୀୟ ପରଂପରାର ଚିତ୍ର ତହିଁରେ ସନ୍ନିବେଶ କରିପାରି ନାହାନ୍ତି । ତୁଳସୀ ଚଉରା ହୁଏତ ଅଗଣାରେ ଅଛି, ହୁଏତ ବିଜୁଳି ଆଲୁଅତଳେ ନିଷ୍ପ୍ରଭ ହୋଇ ସନ୍ଧ୍ୟାଦୀପ ସେଠି ଜଳୁଛି । ମାତ୍ର ସେ ଚିତ୍ର ବାହାରକୁ ଦେଖାଇବାରେ ଆମର ଅହେତୁକ ସଂକୋଚ । ଏକଥା ଉଦାହରଣ ଛଳରେ ପ୍ରକାଶ କରିବାର ଉଦ୍ଦେଶ୍ୟ ହେଉଛି– ନଗର ଉନ୍ନୟନ ଅନୁକରଣମୂଳକ ନ ହେଉ । ଯାହା ଆମର ଜନପ୍ରିୟ, ସଂସ୍କୃତି ଆସ୍ଥାର ବିଗ୍ରହର ଅଙ୍ଗ ତାକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ି ତା' ସଙ୍ଗେ ସଙ୍ଗେ ନଗର ଉନ୍ନୟନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉ । ତାହାହେଲେ ନଗର ଜୀବନର କୃତ୍ରିମତା କମିଯିବ । ଯହିଁରେ ସବୁରି ସୁବିଧା ହେବ, ଆମ୍ଭେମାନେ ସେଥିରେ ଏକମତ ହେବା ଏବଂ ସାମୂହିକ ସଙ୍ଗତି ପାଇଁ ଆଗଭର ହେବା ଆମର କର୍ତ୍ତବ୍ୟ ।



## ଭାରତରେ ସାକ୍ଷର ସଂଖ୍ୟା

୧୯୭୧—୮୧ ଦଶଂଧିରେ ଆଉ ପ୍ରାୟ ୮୨୦ ଲକ୍ଷ ଲୋକ ସାକ୍ଷରତା ହାସଲ କରି ପାରିଥିବା ବିଷୟ ନିକଟରେ ଶେଷ ହୋଇଥିବା ଜନଗଣନାରୁ ଜଣାଯାଇଛି । ୧୯୭୧ ମସିହାରେ ଦେଶର ସାକ୍ଷରତା ସଂଖ୍ୟା ୧୫.୬୪ କୋଟି ଓ ନିରକ୍ଷର ସଂଖ୍ୟା ୩୭.୭୧ କୋଟି ଥିଲା । କିନ୍ତୁ ୧୯୮୧ ମସିହାରେ ସାକ୍ଷର ଓ ନିରକ୍ଷର ସଂଖ୍ୟା ଯଥାକ୍ରମେ ୨୩.୮୦ ଓ ୪୨ କୋଟି ବୋଲି ଜଣାଯାଇଛି ।

୧୯୨୦ ମସିହା ପର୍ଯ୍ୟନ୍ତ ମହିଳା ସାକ୍ଷର ସଂଖ୍ୟା ପୁରୁଷ ତୁଳନାରେ ୧:୧୦ ଥିଲା । କିନ୍ତୁ କାଳକ୍ରମେ ମହିଳା ସାକ୍ଷର ସଂଖ୍ୟାରେ ଦ୍ରୁତ ଅଗ୍ରଗତି ଘଟି ୧୯୭୧ ମସିହାରେ ଏହା ୧:୨ ରେ ପହଞ୍ଚିଥିଲା । ୧୯୮୧ ଜନଗଣନାରୁ ଜଣାଯାଏ ଯେ ମହିଳା ସାକ୍ଷର ସଂଖ୍ୟାରେ କିଛିଟା ଅଗ୍ରଗତି ହୋଇଛି ।

ସାକ୍ଷରତା କ୍ଷେତ୍ରରେ ସାଧାରଣଭାବେ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଦେଶର ଶତକଡ଼ା ୫୦ଭାଗ ପୁରୁଷ ଓ ୭୫ ଭାଗ ମହିଳା ନିରକ୍ଷର ଅବସ୍ଥାରେ ଅଛନ୍ତି ।

ଦେଶର ଯେଉଁସବୁ ରାଜ୍ୟଗୁଡ଼ିକରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ସେସବୁ ରାଜ୍ୟରେ ନିରକ୍ଷର ସଂଖ୍ୟା ବୃଦ୍ଧି ପାଇଛି । ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିଆଣା, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ରାଜସ୍ଥାନ ରାଜ୍ୟଗୁଡ଼ିକରେ ନିରକ୍ଷର ମହିଳାଙ୍କ ସଂଖ୍ୟା ଅଧିକ ବୋଲି ଜଣାଯାଇଛି । କେରଳ ଓ ଚଣ୍ଡିଗଡ଼ରେ ସାକ୍ଷର ସଂଖ୍ୟା ଅଧିକ ବୋଲି ୧୯୮୧ ଜନଗଣନାରୁ ପ୍ରକାଶ ।

# ଶତାବ୍ଦୀର ଶ୍ରେଷ୍ଠ ସପ୍ତତାଳ ମୁଗୁନି ବିଗ୍ରହ

ଶ୍ରୀ ସଦାଶିବ ରଥଶର୍ମା

ଯୁଗ ଯୁଗ ଧରି ଉତ୍କଳ ତାହାର ଶିଳ୍ପ ଚାତୁରୀ ପାଇଁ ବିଶ୍ୱରେ ପ୍ରସିଦ୍ଧ । ଭାରତବର୍ଷରେ ତାମିଲନାଡୁର ମହାବଳିପୁରମ୍, ସୋମପୁରା (ଗୁଜୁରାଟ), କର୍ଣ୍ଣାଟକ, ଉତ୍କଳର ସ୍ଥପତିଗଣ ପାରଂପରିକ କଳା କୁଶଳତାର ପରଂପରା ରକ୍ଷା କରି ଆସୁଛନ୍ତି । ଉତ୍କଳର ସ୍ଥାପତିଗଣ ଆଜି ଯେଉଁ ଶିଳ୍ପ ନୈପୁଣ୍ୟ ପ୍ରଦର୍ଶନ କରୁଅଛନ୍ତି ସ୍ୱାଧୀନତାର ଠିକ୍ ପୂର୍ବରୁ ତାହା ଚରମ ଦୁର୍ଗତିପ୍ରାପ୍ତ ହୋଇଥିଲା । ଡାଃ ହେଲେନା ଯେଲି ନାମଧେୟା ଆମେରିକାନ୍ ମହିଳା ଲେଖକଙ୍କୁ ଘେନି ସ୍ଥପତି ଚିତ୍ରକରଙ୍କର ଦ୍ୱାରେ ଦ୍ୱାରେ ବୁଲି ପାରଂପାରିକ ହସ୍ତକୁ ଜାଗ୍ରତ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଲେ । ଏତିକିବେଳେ ରାଜ୍ୟ ସରକାର ସେ ଦିଗରେ ପଦକ୍ଷେପ ନେଲେ ଓ ସୁବାସ ଦେ ନାମକ କଳାପ୍ରେମୀ କୁଟୀର ଶିଳ୍ପର ସମୁନ୍ନତି ନିମନ୍ତେ ଆନ୍ତରିକ ଉଦ୍ୟମ କରିଥିଲେ । ପୁରୀର ସ୍ଥପତିଗଣ ଲେଖକଙ୍କର ସଭାପତିତ୍ୱରେ 'ଜଗବନ୍ଧୁ ପ୍ରସ୍ତର ଶିଳ୍ପୀ ସଂଘ' ନାମକ ସଂସ୍ଥା ଗଢ଼ିଥାରେ ସ୍ଥାପତ୍ୟମାନଙ୍କର ହସ୍ତନୈପୁଣ୍ୟର ପରିପ୍ରସାର ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ଫଳରେ ସେମାନଙ୍କର ହସ୍ତ ନୈପୁଣ୍ୟ ଆଶାତୀତ ଭାବେ ବିକଶିତ ହେଲା ଯାହା ଫଳରେ ଆଜି ଭାରତ ଓ ବିଦେଶ ରାଷ୍ଟ୍ରରେ ଏହାର ଉତ୍ତମ ସ୍ଥିତି ଆସିପାରିଛି । ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କର ସକ୍ରିୟ ସହଯୋଗ ସ୍ୱୀକାର୍ଯ୍ୟ ।

ଏହି ସ୍ଥାପକ ବିଦ୍ୟା ଆଜି କେବଳ ପାରଂପରିକ ସ୍ଥପତିମାନଙ୍କ ମଧ୍ୟରେ ସୀମିତ ହୋଇ ରହି ନାହିଁ । ଯେଉଁ ଇତର ଜାତିର କଳାପ୍ରେମୀ ଯୁବକଗଣଙ୍କୁ ଦିନେ ଉଦ୍‌ବୁଦ୍ଧ କରାଇବାକୁ ପଡ଼ିଥିଲା ଆଜି ସେମାନଙ୍କ ମଧ୍ୟରୁ ଅନେକ ସୁଦୂର ଜାପାନ, ଲଣ୍ଡନ, ପ୍ରଭୃତି ଦେଶରେ ଆପଣାର ଶିଳ୍ପ ନୈପୁଣ୍ୟ ପ୍ରଦର୍ଶନରେ ନିଜକୁ ଓ ଉତ୍କଳଦେଶକୁ ଖ୍ୟାତ କରାଇ ପାରିଛନ୍ତି । ସେମାନଙ୍କ ମଧ୍ୟରୁ ଶ୍ରୀ ସୁଦର୍ଶନ ସାହୁ, ଶ୍ରୀଧର ମହାପାତ୍ର, ଶ୍ରୀ ରଘୁନାଥ ମହାରଣା ପ୍ରମୁଖଙ୍କର ନାମ ସ୍ମରଣ କଲେ ମନରେ ପ୍ରକୃତ ଆନନ୍ଦ ଜାତ ହୁଏ । ଏହି ସମସ୍ତ କାରୁକାର୍ଯ୍ୟର ପ୍ରଦର୍ଶନ ପ୍ରାୟ ବଉଳ ମାଳା, ଶାହାଣ ପ୍ରସ୍ତରରେ ହେଉଥିଲା ଓ ହେଉଛି । ସ୍ଥପତିଗଣ କଠିନତମ ମୁଗୁନି ପ୍ରସ୍ତରରେ ବିଗତ ଶତାବ୍ଦୀରୁ ଏ ପର୍ଯ୍ୟନ୍ତ ଏକ ଉଲ୍ଲେଖଯୋଗ୍ୟ ମୂର୍ତ୍ତି ନିର୍ମାଣରେ କର୍ମକୁଶଳତା ପ୍ରଦର୍ଶନ କରିବାର ଅବକାଶ ପାଇ ପାରି ନ ଥିଲେ ।

ପୁରୀ ଲୋକନାଥ ଦେବଙ୍କର ପାର୍ବତୀ ଓ ଅନ୍ୟ କେତେକ ମୁଗୁନି ମୂର୍ତ୍ତି ଇତି ମଧ୍ୟରେ ସାର୍ଥକ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ହୋଇଥିଲେ ମଧ୍ୟ ସପ୍ତତାଳ ପୂର୍ଣ୍ଣାଙ୍ଗ ମୁଗୁନି ବିଗ୍ରହରେ କର୍ମ କୁଶଳତା ପ୍ରକାଶ ପାଇ ପାରି ନ ଥିଲା ।

ସ୍ୱର୍ଗତ ବନମାଳି କରଙ୍କର ଉତ୍ସାହରେ ୧୯୨୪ରେ ସ୍ଥାପିତ 'ସତ୍ୟନାରାୟଣ ସମିତି' ମନ୍ଦିର ଚତୁଃପାର୍ଶ୍ୱବର୍ତ୍ତୀ ଓ ଇତର ଦ୍ୱାରର ବ୍ୟବସାୟୀଗଣଙ୍କୁ ନେଇ ସତ୍ୟନାରାୟଣ ବାଦି ପାଲା ପରିବେଷଣ କରିବା ପାଇଁ ଉଦ୍ୟମ କରି ଅଦ୍ୟାବଧି ପ୍ରତିବର୍ଷ ପାଲା ପରିବେଷଣ କରି ଆସୁଛନ୍ତି । ଏହା ମଧ୍ୟରେ ସନ ୧୯୭୮ରେ ସତ୍ୟନାରାୟଣ ସମିତି କଳାମୁଗୁନିରେ ସପ୍ତତାଳ ପଞ୍ଚାୟତନ ସତ୍ୟନାରାୟଣ ବିଗ୍ରହ କରିବାରେ ବ୍ରତୀ ହେଲେ । ପ୍ରଭୁ ଜଗନ୍ନାଥଙ୍କର ଆଶୀଷ ଘେନି ଖିଚିଙ୍ଗରୁ ୬ଟନ ଓଜନର କଳାମୁଗୁନି ପ୍ରସ୍ତର ଅଣାଇ ପୁରୀ ବାଲିସାହିର ରୂପକାର ମୁକୁନ୍ଦ ମହାପାତ୍ରଙ୍କ ପୁତ୍ର ଓଡ଼ିଶା ସରକାରଙ୍କ କଳା ବିଦ୍ୟାଳୟର ଶିକ୍ଷକ ଶ୍ରୀ ଭୁବନେଶ୍ୱର ମହାପାତ୍ରଙ୍କ ଦ୍ୱାରା ମୂର୍ତ୍ତି ଆରମ୍ଭ କରାଇଲେ "ସପ୍ତତାଳ ମୁଗୁନି ବିଗ୍ରହ" । ୧୯୭୮ ଧାତ୍ରୀ ନବମୀ ଦିନ ଶାସ୍ତ୍ରୀୟ ପଦ୍ଧତିର ସ୍ଥାପନ ବିଧିରେ ଯେତେବେଳେ ଅଭେଦ୍ୟ ମୁଗୁନି ପ୍ରସ୍ତରରେ ମୂର୍ତ୍ତି ଆରମ୍ଭ ହେଲା ସେତେବେଳେ ଆଶା ନ ଥିଲା ଏପରି ସଫଳ କୃତି ପ୍ରକାଶ ପାଇବ ବୋଲି । ଦୀର୍ଘ ତିନି ବର୍ଷର ଅକ୍ଳାନ୍ତ ଶ୍ରମ ଓ ବିପୁଳ ଧାରା ଉପରେ ଆଜି ଶ୍ରୀ ସତ୍ୟନାରାୟଣ ଦେବଙ୍କର ୨ଟନ ଓଜନର ୬ଫୁଟ ୪ଇଞ୍ଚର ଅପୂର୍ବ ମୂର୍ତ୍ତି ଗଠିତ ହୋଇଛନ୍ତି । ଏଥିରେ ସତ୍ୟନାରାୟଣ ସମିତି ଉତ୍ସାହର ସହିତ ଅନ୍ୟୁନ ତିରିଶ ହଜାର ମୁଦ୍ରା ବିନିଯୋଗ କରି ଶତାବ୍ଦୀର ଶ୍ରେଷ୍ଠ କୃତିକୁ ଆଜି ଲୋକ-ଲୋଚନକୁ ଆଣିବାର ପ୍ରୟାସ କରିଛନ୍ତି ।

ସପ୍ତତାଳ ମୂର୍ତ୍ତିଟି ବାସ୍ତବରେ କୋଣାର୍କର ସ୍ଥାପତ୍ୟକଳାର ସମକକ୍ଷ ହୋଇ ପାରିଛି । ଏଥିରେ ସମସ୍ତ ସ୍ଥପତିକୁଳର ଗୌରବ ପରିସ୍ଫୁଟ ।

ସ୍ୱଗିଫୁଟ ୧୦ ଇଞ୍ଚ ପ୍ରସ୍ତରରେ ମୂର୍ତ୍ତିଟି ଖୋଦିତ । ତ୍ରିରଙ୍ଗ ତୋରଣ ବା ପ୍ରଭାମଣ୍ଡଳରେ ଏକ ପାର୍ଶ୍ୱରେ ଦେବଗଣ ଅପର ପାର୍ଶ୍ୱରେ ଗନ୍ଧର୍ବଗଣ ଏକ ସୁଦୃଶ୍ୟ କୀର୍ତ୍ତି ମୁଖକୁ କେନ୍ଦ୍ର କରି ସ୍ଥପତିଗଣ ଖୋଦନ କରିଛନ୍ତି ଜୀବନ୍ତ ରୂପେ । ତୋରଣ ମଧ୍ୟ ପତ୍ରର ଲତାବନ୍ଧ ମଧ୍ୟରେ ନିପୁଣ ଶିଳ୍ପୀ ଦଶାବତାରର ପ୍ରତୀକ ମୂର୍ତ୍ତିମାନ ଖୋଦିତ କରିଅଛନ୍ତି । ତ୍ରିକର୍ମ ମକର ପତ୍ର ନିମ୍ନରୁ ଦକ୍ଷିଣରେ ଦେଢ଼ଫୁଟ ଉଚ୍ଚତାର ରମଣୀୟ ଗଣେଶ ବିଗ୍ରହ ତାହାର ନିମ୍ନ ଦେଶରେ ତତ୍ତୁଲ୍ୟ ପଶୁପତି ଶିବ ମୂର୍ତ୍ତି ଖୋଦିତ ହୋଇଅଛି । ବାମରେ ସେହି କ୍ରମରେ ଭାସ୍କର ଓ ଗୌରୀ (ଅମ୍ବିକା) ବିଗ୍ରହମାନଙ୍କ ମଧ୍ୟରେ ସାମାନ୍ୟ ସୁଗୋପଯୋଗୀ ଚିତ୍ତାର ସହିତ ୪ଫୁଟ ୬ ଇଞ୍ଚର ନାରାୟଣ ମୂର୍ତ୍ତି କିଞ୍ଚିତ ଆଗକୁ ଖୋଦିତ, ସତେ ଯେପରି ପ୍ରଭା ମଧ୍ୟରୁ ବାହାରି ଆସୁଛନ୍ତି । ରମଣୀୟ ଠିଆ କିରିଟ, ଚୂଳିକାମୌଳୀ ବିଶିଷ୍ଟ ଚୂଳ, କର୍ଣ୍ଣାଳଙ୍କାର, କବଚ କୁଣ୍ଡଳ, ଗୈବେୟ କୋଣାର୍କ ପାର୍ଶ୍ୱଦେବତାଙ୍କର ସମକକ୍ଷ ହୋଇଛି । ଚମତ୍କାର ଆଡ଼ଚକ୍ର, ଶଙ୍ଖ ଓ ଗଦାର ଦୃଶ୍ୟ ଜୀବନ୍ତ ଓ ପଦ୍ମନିଧି ଶୋଭିତ ବରଦ ହସ୍ତ ମୂର୍ତ୍ତିକୁ ପ୍ରାଣବନ୍ତ କରି ଦେଇଛି । ହାରର ପଦକରେ ଶ୍ରୀଦେବୀଙ୍କର ଅବସ୍ଥିତି ତଥା ନାନା ପ୍ରକାର ଲତା, ପୁଷ୍ପ ଖୋଦିତ କାନ୍ଧ ବସ୍ତ୍ରର ଖୋଦନ ଦୃଶ୍ୟ କୋଣାର୍କ କୌଶଳର ସଂପୂର୍ଣ୍ଣ ଅନୁରୂପ ହୋଇଛି । ଏହି ବିଗ୍ରହକୁ ସର୍ବଶ୍ରେଷ୍ଠ ମୁଗୁନି ବିଗ୍ରହ ବୋଲି ଗ୍ରହଣ କରିବାର ଯଥେଷ୍ଟ କାରଣ ଅଛି ।

ଏହି ମୂର୍ତ୍ତିର ନିର୍ମାଣ କର୍ମର ପ୍ରତିପାଦରେ ଶାସ୍ତ୍ରୀୟ ପଦ୍ଧତିର ନିୟମ ରକ୍ଷା କରାଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କର ଅନ୍ୟତମ ଶାସନ ସଚିବ ଶ୍ରୀ ଅଓ୍ୱଧନାରାୟଣ ତିଓ୍ୱାରୀ, ବାରାଣସୀର ତନ୍ତ୍ରଦର୍ଶନର ବିଦ୍ୱାନ ଶ୍ରୀ ଜଗନ୍ନାଥ ଉପାଧ୍ୟେୟ, ଶ୍ରୀ ଜଗନ୍ନାଥ ଦାସ, ଆଇ. ଏ. ଏସ୍. ସ୍ୱିଜରଲ୍ୟାଣ୍ଡର ଡା: ଏଲିସ୍ ବୋନର, ଅଷ୍ଟ୍ରୀୟା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଦୂଷୀ ଡା: ବେଟିନା ବିଉମର, ଆର୍ଯ୍ୟକନ୍ୟା ଗୁରୁକୂଳ ପୋର ବନ୍ଦରର କୁଳପତି ଶ୍ରୀମତୀ ସବିତା ମେହେତା ପ୍ରମୁଖ କଳାପ୍ରେମୀଗଣ ନିର୍ମାଣ କର୍ମ ମଧ୍ୟରେ ସ୍ଥପତିଙ୍କର କଳାକୁଶଳତାକୁ ପ୍ରୋତ୍ସାହିତ କରିଅଛନ୍ତି ।

ନିମ୍ନରେ ତାଙ୍କର ଧ୍ୟାନ 'ଶିଳ୍ପରତ୍ନକୋଷ' ଅନୁଯାୟୀ ପ୍ରକାଶ କରାଗଲା । ଶ୍ରୀବିଗ୍ରହଙ୍କର ଆଲୋକଚିତ୍ରରୁ ମୂର୍ତ୍ତିର ନିପୁଣତା ଅନୁମେୟ ।

ଧ୍ୟାୟେ ନିତ୍ୟଂ ରମେଶଂ ଅତସୀ ଦଳନିଭ
ବର୍ଣ୍ଣଂ ସର୍ବାଙ୍ଗ ରମ୍ୟମ୍ ।
କେୟୂର ହାର ଦିବ୍ୟଂ ମଣିଗଣ ଖଚିତଂ
ଦିବ୍ୟ ମୌଳୀ ସୁଶାନ୍ତମ୍ ॥

ହସ୍ତେ ଚକ୍ର ଦଧାନଂ ଉଦଧିଜ ଚ ଗଦା
ପଦ୍ମ ନିଧ୍ୟା ଢ୍ୟ ପାଣିମ୍
ବିଦ୍ୟୁତବର୍ଣ୍ଣ ନିଚେଳଂ ରମଣୀୟ ହୃଦୟଂ
ଲକ୍ଷ୍ମୀ ମାଲ୍ୟାଙ୍ଗ ବକ୍ଷମ୍ ॥

ବିଘ୍ନେଶଂ ସବ୍ୟଭାଗେ ବିପରୀତ ସଦନେ
ଭାସ୍କର ଦିବ୍ୟ ଚକ୍ଷୁଃ
ବକ୍ଷେଶମ୍ଭୁଃ ବିପରୀତେ ତଥା
ଅମ୍ବିକା ଶୋଭମାନମ୍

ଭଗବାନ ଭୁକ୍ତି ମୁକ୍ତି ପ୍ରଦ ବିମଳ ପ୍ରଭଂ
ସର୍ବ ଗୀର୍ବାଣ ବନ୍ଦ୍ୟମ୍ ।
ପଶ୍ଚାତ୍ ସତ୍ୟଦେବଂ ନିଖିଳ ଭୟହରଂ
ବିଷ୍ଣୁ ସର୍ବାଧିନାଥମ୍ ॥

ଗବେଷକ,
ଶ୍ରୀମନ୍ଦିର, ପୁରୀ–୭୫୨୦୦୧



ଶ୍ରୀ ବିଗ୍ରହଙ୍କ ପୂର୍ଣାଙ୍ଗ ମୂର୍ତ୍ତି



ଶ୍ରୀ ବିଗ୍ରହଙ୍କ ଆବକ୍ଷ ମୂର୍ତ୍ତି



ଶ୍ରୀ ବିଗ୍ରହଙ୍କ ଅନ୍ୟ ଏକ ପୂର୍ଣ୍ଣାଙ୍ଗ ମୂର୍ତ୍ତି

ଶ୍ରୀ ବିଗ୍ରହଙ୍କ ନିର୍ମାତା ଓ ଶାସ୍ତ୍ରୀୟ ଉପଦେଷ୍ଟା



# ଶିଳ୍ପ ବିକାଶ ଓ କର୍ମ ନିଯୁକ୍ତି

ଶ୍ରୀ ବିବେକାନନ୍ଦ ପଟ୍ଟନାୟକ

ଦେଶର ଅର୍ଥନୈତିକ ସ୍ୱଚ୍ଛଳତା ମୁଖ୍ୟତଃ ବିଭିନ୍ନ ଉପାର୍ଜନଶୀଳ ପନ୍ଥାରେ ନିଯୁକ୍ତି ଜନଶକ୍ତିର ପରିମାଣ ଉପରେ ନିର୍ଭର କରେ। ଆମ ଦେଶରେ ଶତକଡ଼ା ୭୨'୧ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଓଡ଼ିଶାରେ କୃଷି ଉପରେ ନିର୍ଭର କରୁଥିବା ଲୋକସଂଖ୍ୟା ଶତକଡ଼ା ୭୭'୫ ଭାଗ। କୃଷିରେ ନିୟୋଜିତ ଜନଶକ୍ତିର ଏକ ବିଶେଷ ଅଂଶକୁ ଶିଳ୍ପକ୍ଷେତ୍ରକୁ ଆଣିବା ଅର୍ଥନୀତିର ଉନ୍ନତି ନିମନ୍ତେ ଏକ ମୌଳିକ ଆବଶ୍ୟକତା। ଆମ ରାଜ୍ୟରେ ଉପାର୍ଜନଶୀଳ ଜନସଂଖ୍ୟା ସମୁଦାୟ ଜନସଂଖ୍ୟାର ଶତକଡ଼ା ୩୧'୨୨ ଭାଗ। ବେକାର ଓ ଅର୍ଦ୍ଧ ବେକାରଙ୍କୁ କର୍ମନିଯୁକ୍ତି ଦେଇ ଏହି ହାର ବଢ଼ାଇବା ଆଜିର ଏକ ବିରାଟ ସମସ୍ୟା। ଏସବୁର ପ୍ରତିକାର ନିମନ୍ତେ ଦ୍ରୁତଗତି ଶିଳ୍ପ ବିକାଶ ହିଁ ଏକମାତ୍ର ପନ୍ଥା।

କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ସ୍ଥାପନଦ୍ୱାରା କର୍ମନିଯୁକ୍ତି ପାଇଁ ମୁଣ୍ଡପିଛା ହାରାହାରି ଅର୍ଥ ଲଗାଣର ପରିମାଣ ବୃହତ୍ ଓ ମଧ୍ୟମ ଶିଳ୍ପ ତୁଳନାରେ କମ୍। ତେଣୁ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପର ବହୁଳ ପ୍ରସାର ଦ୍ୱାରା ଅଧିକ ସଂଖ୍ୟାରେ କର୍ମନିଯୁକ୍ତି ଦିଆଯାଇ ପାରିବ। ମାତ୍ର କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ସ୍ଥାପନର ପ୍ରଣାଳୀକୁ ଅନୁଧ୍ୟାନ କଲେ ଦେଖାଯାଏ, ଏହି ଶିଳ୍ପ ବିଶେଷ ଭାବରେ ସହରାଞ୍ଚଳରେ କିମ୍ବା ଯାତାୟାତର ସୁବିଧା ଥିବା ସହର ସନ୍ନିକଟବର୍ତ୍ତୀ ଗ୍ରାମରେ ତିଷ୍ଠି ପାରୁଛି। ଏହାର ପ୍ରଧାନ କାରଣ, ସରକାରୀ ସଂସ୍ଥାସହ ସଂଯୋଗ ସ୍ଥାପନରେ ସୁବିଧା ବିକ୍ରୟ କେନ୍ଦ୍ରର ଅବସ୍ଥିତି ଓ ପରିବହନର ସୁବ୍ୟବସ୍ଥା। ତେଣୁ ଏହା ଗ୍ରାମ୍ୟ ଅର୍ଥନୀତି କିମ୍ବା ଗ୍ରାମ୍ୟ ବେକାର ସମସ୍ୟା ଉପରେ ବିଶେଷ ପ୍ରଭାବ ପକାଇ ପାରୁ ନାହିଁ। ସରକାରଙ୍କର ବିଭିନ୍ନ ଆକର୍ଷଣୀୟ ସାହାଯ୍ୟ ଦ୍ୱାରା କ୍ଷୁଦ୍ରଶିଳ୍ପର ଉନ୍ନତି ପରିଲକ୍ଷିତ ହେଉଥିଲେ ହେଁ ଆଶାନୁରୂପ ହୋଇ ପାରୁନାହିଁ।

ବୃହତ୍ ଶିଳ୍ପ ଓ ତତ୍ ସଂପର୍କିତ ସହଯୋଗୀ ଶିଳ୍ପ ସାହାଯ୍ୟରେ ଶିଳ୍ପ ସହର ବା ଶିଳ୍ପ ଅଭିବୃଦ୍ଧି କେନ୍ଦ୍ର(ଇଣ୍ଡଷ୍ଟ୍ରିଆଲ ଗ୍ରୋଥ ସେଣ୍ଟର) ଗଠନଦ୍ୱାରା ଶିଳ୍ପ ବିକାଶ ଓ କର୍ମ ନିଯୁକ୍ତିକୁ ତ୍ୱରାନ୍ୱିତ କରାଯାଇ ପାରିବ। ଗୋଟିଏ ବୃହତ୍ ଶିଳ୍ପ ଗଢ଼ି ଉଠିଲେ ତାକୁ କେନ୍ଦ୍ରକରି ଗୋଟିଏ ଶିଳ୍ପ ସହର ଗଢ଼ିଉଠେ। ଏହି ଶିଳ୍ପ ସହର ନିଜର ପରିବହନ ସୁବିଧା ଯୋଗୁଁ ସାହାଯ୍ୟରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟ ଉପକୃତ ହେବେ। ଏହାକୁ କେନ୍ଦ୍ରକରି ଯେଉଁ ଛୋଟ ବଡ଼ ସହଯୋଗୀ ଶିଳ୍ପ ସ୍ଥାପନ କରାଯାଇପାରିବ ସେଗୁଡ଼ିକୁ ଚିହ୍ନଟକରେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଗ୍ରାମଞ୍ଚଳକୁ ଧନ ଯୋଗାଇଦେଇ ହେବ। ଫଳସ୍ୱରୂପ ଗ୍ରାମଗୁଡ଼ିକର ଅର୍ଥନୈତିକ ଓ ସାମାଜିକ ଆବଶ୍ୟକତା ପୂରଣ କରାଯାଇ ପାରିବ। ଏହି ଛୋଟ ଶିଳ୍ପସହର ସାଧାରଣ ଗ୍ରାମବାସୀଙ୍କର ସହରାଭିମୁଖୀ ଗତିକୁ ମଧ୍ୟ ପ୍ରତିରୋଧ କରିବ ଯାହାକି ଆମ ଅର୍ଥନୀତିକୁ ଉନ୍ନତିରେ ସାହାଯ୍ୟ କରିବ। ଅର୍ଥନୀତିକୁ ସୁଦୃଢ଼ କରିବା ଓ ଶିଳ୍ପ ସମୃଦ୍ଧି ନିମନ୍ତେ ଦାୟିତ୍ୱବୋଧକୁ ଏ ପ୍ରକାର ସହଯୋଗୀ ଶିଳ୍ପ ଦ୍ୱାରା ବିସ୍ତୃତ କରାଯାଇ ପାରିବ। ରାଉରକେଲା, ସୁନାବେଡ଼ା, ବଡ଼ବିଲ, ବେଲପାହାଡ଼, ତାଳଚେର, ହୀରାକୁଦ, ରାୟଗଡ଼ା, ବ୍ରଜରାଜନଗର ଇତ୍ୟାଦି ଆମ ରାଜ୍ୟର ଛୋଟ ବଡ଼ ଶିଳ୍ପ ସହର। ଏତଦବ୍ୟତୀତ ଚଉଦ୍ୱାର, ଛତ୍ରପୁର, ରାଜଗାଙ୍ଗପୁର, କୋରାପୁଟ, କେନ୍ଦୁଝର, ଢେଙ୍କାନାଳ ଓ ପାରାଦୀପ ଇତ୍ୟାଦି ଶିଳ୍ପ ସହର ଗଢ଼ି ଉଠୁଛି। କେନ୍ଦ୍ରସରକାର ଓ ରାଜ୍ୟସରକାରଙ୍କ ସଂସ୍ଥା ଇଡ଼କଲ ଓ ଇପିକଲର ସହଯୋଗରେ ସ୍ଥାପିତ ବିଭିନ୍ନ ବୃହତ୍ ଶିଳ୍ପ ଉପରୋକ୍ତ ଶିଳ୍ପ ସହର ଗଠନରେ ସାହାଯ୍ୟ କରୁଛି। ଏତଦ ବ୍ୟତୀତ ଶିଳ୍ପ କ୍ଷେତ୍ରରେ ପଛରେ ପଡ଼ିଥିବା ବିଭିନ୍ନ ଜିଲ୍ଲାରେ ସ୍ଥାନ ନିରୂପଣ କରାଯାଇ ବୃହତ୍ ଶିଳ୍ପ ସ୍ଥାପନ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି। ଇଡ଼କୋ ସଂସ୍ଥାକୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଛି।

ବିଶେଷ ପରିମାଣରେ ଶ୍ରମ ଆବଶ୍ୟକତା ଥିବା ଶିଳ୍ପସ୍ଥାପନ କର୍ମ ନିଯୁକ୍ତିର ଅନ୍ୟ ଏକ ଦିଗ। ଏ କ୍ଷେତ୍ରରେ ଦେଖାଯାଏ କୃଷି ଓ ବନଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତିର ହାର ସର୍ବାଧିକ। ଖଣିଜଭିତ୍ତିକ ଓ ଇଞ୍ଜିନିୟରିଂ ମଧ୍ୟ ଅଧିକ ଶ୍ରମଶକ୍ତି ଆବଶ୍ୟକ କରେ।

ଇପିକଲ ସହାୟତାରେ ସ୍ଥାପିତ ୬୫ଟି ବୃହତ୍ ଓ ମଧ୍ୟମ ଶିଳ୍ପରେ ୧୧,୨୦୦ କର୍ମନିଯୁକ୍ତି ନିମନ୍ତେ ସ୍ଥାନ ରହିଛି। ଏଥି ମଧ୍ୟରୁ ୪୦ ଭାଗ ନିଯୁକ୍ତି ଦିଆସରିଛି ଓ ଅନ୍ୟାନ୍ୟ କେତେକ ଶିଳ୍ପସ୍ଥାପନ କାର୍ଯ୍ୟ ଶୁରୁ ରହିଛି। ପର୍ଯ୍ୟାୟ କ୍ରମେ ଆବଶ୍ୟକୀୟ ସ୍ଥାନ ପୂରଣ କରାଯିବ। ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଓଡ଼ିଶାରେ ବୃହତ୍ ଓ ମଧ୍ୟମ ଶିଳ୍ପରେ ୧୯୭୧ ମସିହା ଜନଗଣନା ଅନୁଯାୟୀ ସମୁଦାୟ ୯୬,୦୦୦ ଲୋକ ନିଯୁକ୍ତି ପାଇଥିଲେ। ଇପିକଲ ଦ୍ୱାରା ଚିହ୍ନିତ ୧୨୦ଟି ଶିଳ୍ପରେ ୨୫,୦୦୦ ଲୋକଙ୍କୁ କାମ ଯୋଗାଇ ଦେବାର ପ୍ରସ୍ତାବ ରହିଛି।

ଇପିକଲ, କୃଷିଜାତ ଦ୍ରବ୍ୟଭିତ୍ତିକ ଶିଳ୍ପ ଯଥା :—କପାସୂତା, ଝୋଟ, ଦଉଡ଼ି, ସାମଗ୍ରୀ, ଚିନି ଓ କାଗଜକଳ ସ୍ଥାପନପାଇଁ ବିଶେଷ ପଦକ୍ଷେପ ନେଇଛି। ଏଗୁଡ଼ିକ ମୁଖ୍ୟତଃ ବହୁଳଶ୍ରମ ନିୟୋଜିତ କରିବା ସଙ୍ଗେ ସଙ୍ଗେ କୃଷିକ୍ଷେତ୍ରରେ ପ୍ରଭୂତ ସାହାଯ୍ୟ କରିବ।

ଅର୍ଦ୍ଧ ବେକାର କୃଷି ଶ୍ରମିକମାନଙ୍କୁ ସାମୟିକ କର୍ମ ନିଯୁକ୍ତି ମିଳି ପାରିବ। ଇପିକଲ ସାହାଯ୍ୟପ୍ରାପ୍ତ ସଂସ୍ଥା ଓଡ଼ିଶା ସ୍ପିନିଂମିଲ ଓ ସମବାୟ ସମିତି ଜରିଆରେ ଗଢ଼ି ଉଠିଥିବା ସୂତା କଳ ବ୍ୟତୀତ ଓଡ଼ିଶାରେ ୧୦ ଗୋଟି ନୂତନ ସୂତା କଳ ସ୍ଥାପନର କାର୍ଯ୍ୟ ଶୁରୁ ରହିଛି। ଝୋଟ ସାମଗ୍ରୀ ଉତ୍ପାଦନ ପାଇଁ ୩ଟି ସମ୍ଭାବ୍ୟ ରିପୋର୍ଟ ଇପିକଲ ଦ୍ୱାରା ପ୍ରସ୍ତୁତ ହୋଇଛି ଏବଂ ଏହାର ରୂପାୟନ ନିମନ୍ତେ ଶିଳ୍ପୋଦ୍ୟୋଗୀ

ଚିହ୍ନିତ କରା ଯାଇଛି । ରାସାୟନିକ ପରୀକ୍ଷାରୁ ଜଣାଯାଏ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଖୁଚାଷ ଉପଯୋଗୀ ମୃତ୍ତିକା ଅଛି । ଚିନି କଳ ସ୍ଥାପନ କରି ଆଖୁଚାଷକୁ ଉତ୍ସାହିତ କରିବାକୁ ଇପିକଲ ଉଦ୍ୟମ କରୁଛି । ୩ଟି ନୂତନ ଚିନି କଳ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ଠାରୁ ଅନୁମତି ପତ୍ର ଲୋଡ଼ା ଯାଇଛି । ଦେଶରେ କାଗଜର ଚାହିଦା ଓ ଅନୁରୂପ ଉତ୍ପାଦନର ଅଭାବରୁ ଆମକୁ କାଗଜ ଆମଦାନୀ କରିବାକୁ ପଡୁଛି । ମୁଖ୍ୟତଃ ନଡ଼ାକୁ କଞ୍ଚାମାଲ ରୂପେ ବ୍ୟବହାର କରି ୧୨ ଟି ଛୋଟ କାଗଜକଳ ସ୍ଥାପନର ଯୋଜନା ରହିଛି । ଏଥିପାଇଁ କୃଷିପ୍ରଧାନ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ପୁରୀ, କଟକ, ଢେଙ୍କାନାଳ, ବଲାଙ୍ଗିର, କଳାହାଣ୍ଡି, ସମ୍ବଲପୁରଠାରେ ସ୍ଥାନ ନିରୂପଣ କରାଯାଇଛି । ଏ ପର୍ଯ୍ୟନ୍ତ ୨ଟି କାଗଜକଳ ଇପିକଲ ଦ୍ୱାରା ମଞ୍ଜୁର କରାଯାଇଛି । ଢେଙ୍କାନାଳଠାରେ ସ୍ଥାପିତ ଗୋଟିଏ କାଗଜ କଳ ଉତ୍ପାଦନ ଆରମ୍ଭ କରିଛି ।

୩ଟି ବଡ଼ କାଗଜ କଳକୁ ବାଦ ଦେଲେ ରାଜ୍ୟରେ ଅନ୍ୟ କୌଣସି ଜଙ୍ଗଲଭିତ୍ତିକ ଶିଳ୍ପ ନ ଥିଲା । ବର୍ତ୍ତମାନ ପ୍ଲାଇ ଉଡ, ବ୍ଲକ ବୋର୍ଡ, ଭିନିୟର ବୋର୍ଡ ଉତ୍ପାଦନ ନିମନ୍ତେ ଇପିକଲର ସହାୟତାରେ ଶିଳ୍ପ ପ୍ରତିଷ୍ଠା କରା ଯାଉଛି । ପୂର୍ବରୁ ଓଡ଼ିଶା ଜଙ୍ଗଲରୁ କାଠ ନିଆଯାଇ ଓଡ଼ିଶା ବାହାରେ କାରଖାନାରେ ପ୍ରସ୍ତୁତ ସାମଗ୍ରୀ ଆମର ଚାହିଦା ମେଣ୍ଟାଉଥିଲା । ଏତଦ୍ ବ୍ୟତୀତ ଶାଳ ମଞ୍ଜି ସଂଗ୍ରହ କରାଯାଇ ତେଲ ବାହାର କରିବା ନିମନ୍ତେ ୩ଟି ଶିଳ୍ପ ସ୍ଥାପନ କରାଯାଉଛି । ତନ୍ମଧ୍ୟରୁ ଗୋଟିକରେ ଉତ୍ପାଦନ ଆରମ୍ଭ ହେଲଣି । ହରିଡ଼ାରୁ ଚମଡ଼ା ଶିଳ୍ପରେ ବ୍ୟବହୃତ ହେଉଥିବା ଏକ ପ୍ରକାର ରାସାୟନିକ ପ୍ରସ୍ତୁତ କରିବା ନିମନ୍ତେ ଏକ ମାଇରୋବୋଲାନ ଟାନିନ୍ ଶିଳ୍ପ ପ୍ରତିଷ୍ଠାର ଯୋଜନା ରହିଛି । ଜଙ୍ଗଲଜାତ ପଦାର୍ଥ ଭିତ୍ତିକ ଶିଳ୍ପ ସ୍ଥାପନରେ ବହୁ ଆଦିବାସୀଙ୍କୁ କର୍ମ ନିଯୁକ୍ତି ଦିଆଯାଇପାରିବ । ଶାନ୍ତିପ୍ରିୟ କର୍ମଠ ଆଦିବାସୀଙ୍କର ଶ୍ରମର ଅପଚୟହିଁ ସେମାନଙ୍କର ଅର୍ଥନୈତିକ ଦୁର୍ଗତିର ପ୍ରଧାନ କାରଣ । ଏହି ଦୃଷ୍ଟିକୋଣରୁ ବିଚାର କଲେ ଉପରୋକ୍ତ ଶିଳ୍ପର ଗୁରୁତ୍ୱ ଉପଲବ୍ଧି କରିହେବ ।

ମ୍ୟାନେଜିଂ ଡାଇରେକ୍ଟର
ଇପିକଲ ଜନପଥ
ଭୁବନେଶ୍ୱର-୭୫୧୦୦୭

ଏତଦ ବ୍ୟତୀତ ଆଦିବାସୀ ବହୁଳ ଅଞ୍ଚଳରେ ଏ ପ୍ରକାର ଶିଳ୍ପ ସ୍ଥାପନ ଦ୍ୱାରା ସେମାନଙ୍କର ସାମାଜିକ ଉନ୍ନତି କରାଯାଇ ପାରିବ ।

ଇପିକଲ ସହାୟତାରେ ଗଢ଼ି ଉଠୁଥିବା ଖଣିଜ ପଦାର୍ଥ ଭିତ୍ତିକ ବୃହତ୍ ଶିଳ୍ପ ଓଡ଼ିଶା ସ୍ପଞ୍ଜ ଆଇରନ୍ ଲିମିଟେଡ ଇପିକେମ୍ [illegible] ଇଲେକ୍ଟ୍ରୋକେମ ଓଡ଼ିଶା ଲିଃ ବହୁ ଶିଳ୍ପ ଶ୍ରମିକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ଦେବ । ଆମର ମୂଲ୍ୟବାନ ଖଣିଜ ପଦାର୍ଥରେ ଶ୍ରମ ନିଯୋଗ ଦ୍ୱାରା କର୍ମ ନିଯୁକ୍ତି ସହ ଆମ ରାଜ୍ୟର ଉତ୍ପାଦନରୁ ମୋଟ ଆୟ ବୃଦ୍ଧି ମଧ୍ୟ କରାଯାଇ ପାରିବ । [illegible] ଜାତୀୟ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଇପିକଲ ଦ୍ୱାରା ୧୬ ଜଣ ଶିଳ୍ପୋଦ୍ୟୋଗୀଙ୍କୁ ଚିହ୍ନିତ କରା ଯାଇଛି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଛି ।

ମଧ୍ୟମ ଓ ବୃହତ୍ ଶିଳ୍ପ ସ୍ଥାପନ ନିମନ୍ତେ ଶିଳ୍ପଜାତ ଦ୍ରବ୍ୟର ଚାହିଦା, ଆବଶ୍ୟକୀୟ କଞ୍ଚାମାଲ, ଉଦ୍ୟୋଗର ଲାଭ କ୍ଷତି ଓ ପ୍ରଯୁକ୍ତି ପ୍ରଣାଳୀର ଉପଯୋଗିତା ପ୍ରତି ବିଶେଷ ଦୃଷ୍ଟି ଦିଆ ଯାଉଛି । ଏହି ଅନୁଧ୍ୟାନ ଉପରେ ନିର୍ଭର କରି ଶିଳ୍ପଟିକୁ ଋଣ ଯୋଗାଣ ସିଦ୍ଧାନ୍ତ ନିଆଯାଏ । ଏହି କ୍ଷେତ୍ରରେ ସାମାଜିକ ଲାଭ କ୍ଷତି (ସୋସିଆଲ କଷ୍ଟ ବେନିଫିଟ ଆନାଲିସିସ୍) ମଧ୍ୟ ଅନୁରୂପ ଗୁରୁତ୍ୱ ଦିଆଯିବା ଉଚିତ ଏବଂ ଆବଶ୍ୟକ ସ୍ଥଳେ କୋହଳ ନୀତି ଅବଲମ୍ବନ କରି କର୍ମ ନିଯୁକ୍ତି ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯିବା ଦରକାର ।

ଚନ୍ଦକାଠାରେ ଗୋଟିଏ ବୃହତ୍ ଶିଳ୍ପାଞ୍ଚଳ ସ୍ଥାପନ ନିମନ୍ତେ ଭାରତ ସରକାରଙ୍କର ସ୍ୱୀକୃତି ମିଳିଛି । ଏହି ଶିଳ୍ପାଞ୍ଚଳରେ ୧୦ ଟି ବୃହତ୍ ଶିଳ୍ପ ଓ ୬୦ ଟି ସହାୟକ ଓ କ୍ଷୁଦ୍ର ଶିଳ୍ପ ସ୍ଥାପନ କରାଯିବାକୁ ସ୍ଥିର କରାଯାଇଛି । ଏହି ଶିଳ୍ପଗୁଡ଼ିକରେ ୮,୦୦୦ ଲୋକ ସିଧାସଳଖ ନିଯୁକ୍ତି ପାଇବେ । ଏତଦ୍ ବ୍ୟତୀତ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପ୍ରଣାଳୀରେ ନିଶ୍ଚିତ ଭାବରେ କର୍ମନିଯୁକ୍ତିର ପରିସର ବୃଦ୍ଧି ଘଟିବ ।

❊

❊ କୃଷି ଓ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନଙ୍କ ମଜୁରୀ ବଢ଼ାଇ ଦିଆଯାଇଛି ।

❊ ୮୦ଟି ନୂତନ ତନ୍ତୁବାୟ ସମବାୟ ସମିତି ଗଠନ କରାଯାଇ ୭,୭୫୬ ଜଣ ତନ୍ତୁବାୟଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି ।

❊ ତଫସିଲଭୁକ୍ତ ଶ୍ରେଣୀ ଲୋକଙ୍କ ଅର୍ଥନୈତିକ ଅବସ୍ଥାର ଉନ୍ନତି ସକାଶେ ୬୯ଟି ତଫସିଲଭୁକ୍ତ ତନ୍ତୁବାୟ ସମିତି ଗଠନ କରାଯାଇଛି ।

❊ ୧,୧୦୦ ହସ୍ତତନ୍ତ ତନ୍ତୁବାୟଙ୍କ ଥଇଥାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

❊ ୩୫୪ ଜଣ ବଗାଡ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ମଧ୍ୟରୁ ୩୪୪ ଜଣଙ୍କୁ ଯଥାଯଥ ଥଇଥାନ କରାଯାଇଛି ।

# ଗ୍ରାମ୍ୟ ବେକାର ସମସ୍ୟା

ଡକ୍ଟର ବୈଦ୍ୟନାଥ ମିଶ୍ର

ଓଡ଼ିଶାର ଗାଁ ଗହଳରେ କେତେ ଲୋକ ବେକାର ଭାବରେ ଅଛନ୍ତି ତାର ସଠିକ ହିସାବ ଏ ପର୍ଯ୍ୟନ୍ତ ମିଳି ନାହିଁ । ଏହି ହିସାବ ସଂଗ୍ରହ କରିବା ମଧ୍ୟ କଷ୍ଟ । କାରଣ ଗାଁ ଗହଳରେ ଯେତେଲୋକ ପୂର୍ଣ୍ଣ ବେକାର ଭାବରେ ଅଛନ୍ତି, ତା'ଠାରୁ ଅନେକ ଲୋକ ସାମୟିକ ବେକାର ଭାବରେ ଅଛନ୍ତି । ସାମୟିକ ବେକାରଙ୍କ ସଂଖ୍ୟା ନିରୂପଣ କରିବା ସହଜ ନୁହେଁ । କିନ୍ତୁ ଅନେକ ଲୋକ ଯେ ସାମୟିକ ବେକାର ଭାବରେ ଅଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ଏଥିପାଇଁ ନିମ୍ନଲିଖିତ କାରଣ ଗୁଡ଼ିକ ଉଲ୍ଲେଖ କରାଯାଇପାରେ :

ସମୁଦାୟ ଭାରତରେ ଶତକଡ଼ା ଯେତେ ଭାଗ ଲୋକ ଗାଁ ଗହଳରେ ବାସ କରୁଛନ୍ତି, ଓଡ଼ିଶାରେ ତାହାଠାରୁ ଶତକଡ଼ା ଅଧିକ ଭାଗ ଗାଁ ଗହଳରେ ବାସ କରୁଛନ୍ତି । ଉଦାହରଣ ସ୍ୱରୂପ ଭାରତରେ ମୋଟ ଜନ ସଂଖ୍ୟାର ଶତକଡ଼ା ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରୁଛନ୍ତି, ଓଡ଼ିଶାରେ ଏମାନଙ୍କ ସଂଖ୍ୟା ଶତକଡ଼ା ୯୦ ଭାଗରୁ ଅଧିକ । ସାଧାରଣତଃ ଯେଉଁ ରାଜ୍ୟ ଅନୁନ୍ନତ ସେଠାରେ ଅଧିକ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ଓଡ଼ିଶା ଏହି ଅନୁନ୍ନତ ରାଜ୍ୟ ଭିତରୁ ଏକ ।

ଭାରତରେ କୃଷି ଉପରେ ଶତକଡ଼ା ୭୦ ଭାଗ ଲୋକ ନିର୍ଭର କରି ଚଳନ୍ତି । ଓଡ଼ିଶାରେ ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି । ତେଣୁ ଓଡ଼ିଶାରେ କୃଷି ପ୍ରଧାନ ଜୀବିକା । ଭାରତରେ ମୋଟ ଜାତୀୟ ଆୟର ଶତକଡ଼ା ପ୍ରାୟ ୪୫ ଭାଗ କୃଷିରୁ ସଂଗ୍ରହ କରାଯାଏ । ଓଡ଼ିଶାରେ କୃଷିରୁ ମୋଟ ରାଜ୍ୟ ଆୟର ଶତକଡ଼ା ୬୦ ଭାଗ ସଂଗୃହୀତ ହୁଏ । କୃଷି ପ୍ରଧାନ ଜୀବିକା ହୋଇଥିଲେ ମଧ୍ୟ ଏହାର ଉତ୍ପାଦିକା ଶକ୍ତି ଓଡ଼ିଶାରେ ବହୁତ କମ୍ । ଉଦାହରଣ ସ୍ୱରୂପ ଧାନ ଆମର ଏକ ପ୍ରଧାନ ଫସଲ । କିନ୍ତୁ ଓଡ଼ିଶାରେ ଏକ ହେକ୍ଟର ପିଛା ଚାଉଳ ଉତ୍ପନ୍ନ ହେଉଛି ଏକ ଟନ୍‌ରୁ କିଛି କମ୍ । ସାରା ଭାରତରେ ଏକ ହେକ୍ଟର ପିଛା ଚାଉଳ ଉତ୍ପନ୍ନ ହେଉଛି ୧·୫ ଟନ୍ । କେବଳ ପଞ୍ଜାବରେ ଏକ ହେକ୍ଟର ପିଛା ଚାଉଳ ଉତ୍ପନ୍ନ ହେଉଛି ପ୍ରାୟ ୨·୫ ଟନ୍ । ଓଡ଼ିଶାର ଦାରିଦ୍ର୍ୟର ଏହା ଏକ ପ୍ରଧାନ କାରଣ ।

ଓଡ଼ିଶାରେ କୃଷି ପ୍ରଧାନ ଜୀବିକା ହୋଇଥିଲେ ମଧ୍ୟ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଅଧିକ ଉତ୍ପାଦନକ୍ଷମ ବିହନର ଯଥେଷ୍ଟ ପ୍ରସାର ହୋଇନାହିଁ । ସରକାରୀ ହିସାବରୁ ଯାହା ଜଣା ପଡୁଛି, ମୋଟ ଶତକଡ଼ା ୧୫ ଭାଗ ଚାଷ ଜମିରେ ଅଧିକ ଉତ୍ପାଦନକ୍ଷମ ବିହନ ବ୍ୟବହାର କରାଯାଉଛି । ଏହାର ପ୍ରଧାନ କାରଣ ହେଉଛି ଆମର ଅଧିକ ଜଳସେଚିତ ଅଞ୍ଚଳ ନାହିଁ । ମୋଟ ଚାଷ ଜମିର ଶତକଡ଼ା ୨୦ ଭାଗ ଜମିରେ ଜଳସେଚନର ବ୍ୟବସ୍ଥା ଅଛି । ଭାରତରେ ଏହାର ପରିମାଣ ଶତକଡ଼ା ୨୫ ଭାଗ ବା ତାହାଠାରୁ କିଛି ଅଧିକ । କେବଳ ପଞ୍ଜାବରେ ଶତକଡ଼ା ୮୫ ଭାଗ ଚାଷ ଜମିରେ ଜଳସେଚନର ବ୍ୟବସ୍ଥା ଅଛି । କମ୍ ଚାଷ ଜମିରେ ଜଳସେଚନର ବ୍ୟବସ୍ଥା ଥିବାରୁ ଦୋଫସଲି ଜମିର ପରିମାଣ ମଧ୍ୟ କମ୍ । ଏହା ଫଳରେ ଚାଷରେ ଯେଉଁମାନେ ନିର୍ଭର କରୁଛନ୍ତି, ସେମାନେ ସାରା ବର୍ଷ କାମ ପାଇ ପାରୁ ନାହାନ୍ତି । ବର୍ଷର ୩୬୫ ଦିନରୁ ଜଣେ ଚାଷୀ ଯଦି ଅନ୍ତତଃ ୩୦୦ ଦିନ କାମ ପାଇପାରେ, ତାହାହେଲେ ସେ ବର୍ଷଯାକ କାମ ପାଉଛି ବୋଲି ଧରାଯାଏ । ଏବେ ଅନେକ ଚାଷୀ ବର୍ଷକୁ ୨୦୦ରୁ ୨୫୦ ଦିନ କୃଷି କର୍ମରେ ଅତିବାହିତ କରୁଛନ୍ତି । ଯେଉଁସବୁ ଅଞ୍ଚଳ ଓଡ଼ିଶାରେ ମରୁଡ଼ି ଅଞ୍ଚଳ ବୋଲି ଧରାଯାଇଛି, ସେଠାରେ ଚାଷୀମାନେ ବର୍ଷକୁ ମୋଟେ ୧୦୦।୧୫୦ ଦିନ କାମ ପାଇ ପାରୁଛନ୍ତି । ଏଥିରୁ ଦେଖାଯିବ ଯେ ଚାଷରୁ ବର୍ଷସାରା କାମ ମିଳୁନାହିଁ ।

ଓଡ଼ିଶାରେ କ୍ଷୁଦ୍ର ଓ ସୀମାନ୍ତ ଚାଷୀଙ୍କ ସଂଖ୍ୟା ବହୁତ ଅଧିକ । ପ୍ରାୟ ଶତକଡ଼ା ୭୫।୭୬ ଭାଗ ଚାଷୀଙ୍କର ଚାଷ ଜମି ୫ ଏକରରୁ କମ୍ । ଶତକଡ଼ା ୫୦ ଭାଗ ଚାଷୀଙ୍କର ଚାଷଜମି ଅଢ଼େଇ ଏକରରୁ କମ୍ । ଏମାନେ ଚାଷରୁ ଯଥେଷ୍ଟ କାମ ପାଇ ପାରୁ ନାହାନ୍ତି । ଅତି କମ୍‌ରେ ଜଣେ ଚାଷୀର ଯଦି ୫ ଏକରରୁ ୭·୫୦ ଏକର ପର୍ଯ୍ୟନ୍ତ ଜଳସେଚିତ ଚାଷ ଜମି ରହିବ ଏବଂ ସେ ଏହି ଜମିରେ ତିନୋଟି ଫସଲ ବର୍ଷକୁ ଉତ୍ପନ୍ନ କରିବ, ତାହାହେଲେ ତାର ପରିବାରର ସମସ୍ତ ଲୋକ ବର୍ଷଯାକ କାମ ପାଇପାରିବେ । ଏ ସୁବିଧା ଓଡ଼ିଶାରେ ନାହିଁ । ପୂର୍ଣ୍ଣ ଚକବନ୍ଦୀ କାମ ଓଡ଼ିଶାରେ ଆରମ୍ଭ ହୋଇଛି ବୋଲି କହିଲେ ଚଳେ । ତେଣୁ ଅନେକ ଅଞ୍ଚଳରେ ଜମି ଟୁକୁରା ଭାବରେ ବିକ୍ଷିପ୍ତ ହୋଇ ରହିଛି । ଏହା ଫଳରେ ଚାଷର ଉନ୍ନତି ହୋଇ ପାରୁନାହିଁ ।

ଯେଉଁମାନେ ଗାଁ ଗହଳରେ ରହୁଛନ୍ତି, ସେମାନେ କେବଳ ଚାଷ ଉପରେ ନିର୍ଭର କରି ଯଥେଷ୍ଟ କାମ ପାଇ ପାରିବେ ନାହିଁ । ପ୍ରଥମରେ ଚାଷ ଜମିର ପରିମାଣ ବୃଦ୍ଧି ହେବା ସମ୍ଭବ ନୁହେଁ । ବରଂ ବର୍ଷକୁ ବର୍ଷ କମିବାର ସମ୍ଭାବନା । ଦ୍ୱିତୀୟରେ ଜନ ସଂଖ୍ୟାର ବୃଦ୍ଧି ଯୋଗୁଁ ଚାଷ ଉପରେ ଭାର ବଢ଼ିବାରେ ଲାଗିଛି । ଜନସଂଖ୍ୟା କମେଇବା ସମୟ ସାପେକ୍ଷ । କିନ୍ତୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଯଥେଷ୍ଟ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠିତ ହୋଇ ପାରି ନାହିଁ । ଯେଉଁସବୁ ଗ୍ରାମ୍ୟ ଶିଳ୍ପ ଅଛି, ସେଥି ଭିତରୁ ଅଧିକାଂଶ ରୁଗ୍‌ଣ ଅବସ୍ଥାରେ ଅଛି ବୋଲି କୁହାଯାଇପାରେ । ଏହି ପରିପ୍ରେକ୍ଷୀରେ ବେକାର ସଂଖ୍ୟା ଅଧିକ ହେବା ସ୍ୱାଭାବିକ ।

ଉନ୍ନତ ଦେଶମାନଙ୍କରେ କୃଷିରୁ ବଳକା ଶ୍ରମିକ ଯାଇ ଶିଳ୍ପରେ କାମ କରି କୃଷିର ନିର୍ଭରତା କମାନ୍ତି । ଓଡ଼ିଶାରେ କି ଭାରତରେ ଏ ପର୍ଯ୍ୟନ୍ତ ତାହା ସମ୍ଭବ ହୋଇ ନାହିଁ । କାରଣ ଓଡ଼ିଶାରେ କି ଭାରତରେ ଶିଳ୍ପର ଏତେ ଅଗ୍ରଗତି ହୋଇ ନାହିଁ । ଯାହା ଫଳରେ କୃଷି ଶ୍ରମିକମାନେ ଯଥେଷ୍ଟ ପରିମାଣରେ ଶିଳ୍ପରେ

କାମ ପାଇ ପାରିବେ । ସରକାରୀ ହିସାବରୁ ଜଣା ପଡୁଛି ଯେ ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୬୦ ଲକ୍ଷ ଲୋକ ଶ୍ରମ ବଜାରକୁ କାର୍ଯ୍ୟ ଅନ୍ୱେଷଣରେ ଆସନ୍ତି । ଏହା ଭିତରୁ ମୋଟ ୫୦।୬୦ ହଜାର ଶ୍ରମିକ ଶିଳ୍ପରେ କାମ ପାଇବାର ସୁଯୋଗ ପାଆନ୍ତି । ଅନ୍ୟମାନେ ସେହି କୃଷିରେ ନିର୍ଭର କରି ରହନ୍ତି । ଯୋଜନା କମିଶନଙ୍କ ହିସାବରୁ ଜଣାପଡୁଛି, ୧୯୧୧ ମସିହାରେ କାର୍ଯ୍ୟଦକ୍ଷ ଲୋକଙ୍କ ଭିତରୁ ଶତକଡ଼ା ୭୪ ଭାଗ କୃଷିରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ୧୯୭୮ ମସିହାରେ ସେହି ୭୪ ଭାଗ କୃଷିରେ ନିର୍ଭର କରି ଜୀବିକା ନିର୍ବାହ କଲେ । ତେଣୁ ୫୦।୬୦ ବର୍ଷ ଭିତରେ ଭାରତର ଅର୍ଥନୈତିକ ସଂଗଠନର କୌଣସି ପରିବର୍ତ୍ତନ ଦେଖାଯାଇ ନାହିଁ ।

ଏହି ପରିପ୍ରେକ୍ଷାରେ ଅନ୍ତତଃ ୩ଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଲେ ବେକାର ସମସ୍ୟା କେତେକ ପରିମାଣରେ କମି ପାରିବ । ପ୍ରଥମ ହେଉଛି ଜନସଂଖ୍ୟା ନିୟନ୍ତ୍ରଣ । ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୨·୫ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି । ୧୯୬୧ରୁ ୭୧ ଭିତରେ ଜନସଂଖ୍ୟା ବୃଦ୍ଧି ହାର ୨·୫ ହୋଇଥିଲା. ୧୯୭୧ରୁ ୮୧ ଭିତରେ ଏହାର ବେଶୀ କିଛି ପରିବର୍ତ୍ତନ ହୋଇନାହିଁ । ଓଡ଼ିଶାରେ ସାମାନ୍ୟ କିଛି କମିଛି । ଗତ ୧୦ ବର୍ଷ ଭିତରେ ଓଡ଼ିଶାରେ ଶତକଡ଼ା ୨ ହାରରେ ଜନସଂଖ୍ୟା ବୃଦ୍ଧି ହୋଇଛି । ଏହାକୁ ଏକ ସୌଭାଗ୍ୟର କଥା ବୋଲି କୁହାଯାଇପାରେ । ସାରା ଭାରତ ତୁଳନାରେ ଓଡ଼ିଶାରେ ଜନସଂଖ୍ୟା ବୃଦ୍ଧି ହାର କାହିଁକି କମିଛି ତାର କାରଣ ଏ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ । କାରଣ ଯାହା ହେଉ ପଛକେ, ଓଡ଼ିଶା ପକ୍ଷରେ ଏହା ମଙ୍ଗଳଦାୟକ । ତେବେ ଆମକୁ ଏ ଦିଗରେ ଅନେକ କିଛି କାମ କରିବାକୁ ପଡ଼ିବ । ଜୋର ଜବରଦସ୍ତି ଜନସଂଖ୍ୟା କମାଇ ହେବନାହିଁ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜୋର ଜବରଦସ୍ତି ଜନ ସଂଖ୍ୟା କମାଇବାକୁ ଚେଷ୍ଟା କଲେ ପ୍ରତିରୋଧ ହେବ । ତେଣୁ ଶିକ୍ଷା ସାହାଯ୍ୟରେ ଜନ୍ମ ନିୟନ୍ତ୍ରଣର ଉପକାରିତା ଜନସାଧାରଣଙ୍କ ଭିତରେ ପ୍ରସାର କରିବାକୁ ପଡ଼ିବ । ଏ ଦିଗରେ ସରକାରଙ୍କ ତରଫରୁ କିଛି ଉଦ୍ୟମ ହେଉଛି । କିନ୍ତୁ ଖାଲି ସରକାରୀ ଉଦ୍ୟମରେ ଏହା ସଫଳ ହେବନାହିଁ । ଏହା ଏକ ଜାତୀୟ କାର୍ଯ୍ୟକ୍ରମ । ଏଥିରେ ଯଦି ସ୍ୱେଚ୍ଛାସେବକ ଅନୁଷ୍ଠାନମାନେ ସାହାଯ୍ୟ କରିବେ ତା' ହେଲେ ଏହା ସଫଳ ହୋଇପାରିବ । ସ୍କୁଲ, କଲେଜ ଓ ବିଶ୍ୱ-ବିଦ୍ୟାଳୟମାନଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ପ୍ରଥମେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଜନ୍ମ ନିୟନ୍ତ୍ରଣ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରି ସେହିମାନଙ୍କ ସାହାଯ୍ୟରେ ଗାଁ ଗଣ୍ଡାରେ ଏହି କାର୍ଯ୍ୟକ୍ରମର ପ୍ରସାର କରାଯାଇ ପାରିବ । ଏବେ ପ୍ରତ୍ୟେକ ବ୍ଲକରେ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠିତ ହେଲଣି । ତେଣୁ ସେମାନଙ୍କ ସାହାଯ୍ୟ ନେଲେ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଆମେ ଅନେକ ଅଗ୍ରଗତି କରିପାରିବା । ଜନସଂଖ୍ୟା ନିୟନ୍ତ୍ରିତ ନ ହେଲେ ଆମେ ବେକାର ସମସ୍ୟାର ସମାଧାନ କରିପାରିବା ନାହିଁ ।

ଦ୍ୱିତୀୟ କାମ ହେଉଛି କୃଷିର ଉନ୍ନତି । ଅନେକ ବର୍ଷ ପର୍ଯ୍ୟନ୍ତ କୃଷି ଆମର ପ୍ରଧାନ ଜୀବିକା ହୋଇ ରହିବ । କୃଷିରେ ଅଧିକାଂଶ ଲୋକ କାମ କରିବାକୁ ବାଧ୍ୟ ହେବେ । ତେଣୁ କୃଷିରେ ଯଦି ଉତ୍ପାଦିକା ଶକ୍ତି ବଢ଼ିବ ତା' ହେଲେ ଜନସାଧାରଣଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟିବ । ପୁଣି ଜମିରୁ ଯଦି ୨।୩ଟି ଫସଲ ଉତ୍ପନ୍ନ କରାଯାଇ ପାରିବ ତା' ହେଲେ କୃଷିରେ କର୍ମ ସଂସ୍ଥାନ ବୃଦ୍ଧି ପାଇବ । ଏଥିପାଇଁ ପ୍ରଧାନ ଉପାଦାନ ହେଉଛି ଜଳସେଚନ ବ୍ୟବସ୍ଥା । ଜଳସେଚନ ବ୍ୟବସ୍ଥାର ପ୍ରସାର ହେଲେ ଉନ୍ନତ ଉପାୟରେ ଫସଲ ଉତ୍ପନ୍ନ କରାଯାଇ ପାରିବ । ସରକାର ସେଥିପାଇଁ ଷଷ୍ଠ ପଞ୍ଚ ବାର୍ଷିକ ଯୋଜନାରେ ଜଳସେଚନ ଉପରେ ଗୁରୁତ୍ୱ ଦେଉଛନ୍ତି । ସରକାର ବଡ଼ ବଡ଼ ଯୋଜନା କରିବେ । କେନାଲ ଜଳସେଚନ ବ୍ୟବସ୍ଥା ଚାଷୀ ମାନେ ନିଜ ଉଦ୍ୟମରେ କରିବା ସମ୍ଭବ ନୁହେଁ । କିନ୍ତୁ କେନାଲ ଜଳସେଚନ ବ୍ୟବସ୍ଥା ଯେଉଁଠାରେ ହେବ, ସେଠାରେ ଯଦି ଜମିକୁ ପାଣି ମଡ଼େଇବା ପାଇଁ ପକ୍କା ନାଳ ନ ହେବ, ତାହାହେଲେ ଅନେକ ଜମି ନଷ୍ଟ ହେବ । ଚାଷୀମାନେ ନିଜ ଉଦ୍ୟମରେ ଏହି ପକ୍କା ନାଳ କରିବା ଉଚିତ୍ । ଅନେକ ଚାଷୀ ଜାଣନ୍ତି ନାହିଁ ଯେ କମ ପାଣି ଯେପରି ଚାଷ ପାଇଁ ଖରାପ, ବେଶୀ ପାଣି ମଧ୍ୟ ସେହିପରି ଖରାପ । ଜାପାନ, କୋରିଆ ଓ ତାଇୱାନ ପ୍ରଭୃତି ରାଷ୍ଟ୍ରରେ ଅତି କମ୍ ପାଣିରେ ସେମାନେ ବହୁତ ଅଧିକ ଫସଲ କରୁଛନ୍ତି । ଆମେ ପାଣିର ଉପଯୁକ୍ତ ବ୍ୟବହାର କରୁ ନାହୁଁ । ତେଣୁ ଯେଉଁ ଚାଷୀ ପକ୍କା ନାଳ କରିବେ ନାହିଁ ସେମାନଙ୍କ ଉପରେ ଯଦି ଅର୍ଥଦଣ୍ଡ ବସିବ, ତାହା ହେଲେ ହୁଏତ ସେମାନେ ବାଧ୍ୟ ହୋଇ ପକ୍କାନାଳ କରିବେ । ଏହା ବ୍ୟତୀତ ଛୋଟ ଛୋଟ ଜଳସେଚନ ବ୍ୟବସ୍ଥା ଚାଷୀମାନେ ନିଜ ଉଦ୍ୟମରେ କରି ପାରିବେ । ଆମର ପଡ଼ୋଶୀ ଆନ୍ଧ୍ର ରାଜ୍ୟର ଚାଷୀମାନେ କୂଅ ଖୋଳି ଅନେକ ଅର୍ଥକରୀ ଫସଲ ଉତ୍ପନ୍ନ କରୁଛନ୍ତି । ଏଥିପାଇଁ ବ୍ୟାଙ୍କରୁ ଋଣ ମିଳୁଛି । ଓଡ଼ିଶାର ଚାଷୀମାନଙ୍କ ଭିତରେ ଏଥିପାଇଁ ଯଥେଷ୍ଟ ଆଗ୍ରହ ସୃଷ୍ଟି ହୋଇ ନାହିଁ । ଏଥିପାଇଁ ମଧ୍ୟ ସଂପ୍ରସାରଣ ଶିକ୍ଷାର ଆବଶ୍ୟକତା ଅଛି ।

ତୃତୀୟ ପନ୍ଥା ହେଉଛି କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର । କୃଷି ଓ କ୍ଷୁଦ୍ର ଓ କୁଟୀର ଶିଳ୍ପ ପରସ୍ପର ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଗାଁ ଗହଳରେ ଯଦି କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରସାରିତ ହେବ, ତା' ହେଲେ ଅନେକ ବେକାର ଲୋକ କାମ ପାଇ ପାରିବେ । କୃଷିଜାତ ଦ୍ରବ୍ୟ ମଧ୍ୟ ଉପଯୁକ୍ତ ଭାବରେ ବ୍ୟବହୃତ ହୋଇ ପାରିବ । ଏହା ବ୍ୟତୀତ କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର ଯୋଗୁଁ ଗାଁ ଗହଳରେ ଯନ୍ତ୍ରପାତିର ପ୍ରଚଳନ ମଧ୍ୟ ଅଧିକ ହେବ । ସରକାର ଏହି ଶିଳ୍ପୀକରଣ ଉପରେ ଏବେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଗାଁ ଗହଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏହା ଏକ ପ୍ରଧାନ ପନ୍ଥା ବୋଲି ସମସ୍ତେ ଅନୁଭବ କରୁଛନ୍ତି । କିନ୍ତୁ ଶିଳ୍ପୀକରଣ ପାଇଁ ଯେଉଁ ବାୟୁମଣ୍ଡଳ ସୃଷ୍ଟି ହେବାର କଥା, ତାହା ହୋଇ ପାରୁ ନାହିଁ । ପଞ୍ଜାବ ଓ ହରିଆନାରେ ଏହି କ୍ଷୁଦ୍ର ଓ କୁଟୀର ଶିଳ୍ପର ଉନ୍ନତି ଯୋଗୁଁ ବ୍ୟକ୍ତି ପିଛା ଆୟ ଅନେକ ପରିମାଣରେ ବଢ଼ି ଯାଇଛି । ଓଡ଼ିଶାରେ କେତେକ ଉଦ୍ୟମୀ ଯୁବକଙ୍କୁ ଏ ଦିଗରେ ଯଦି ଧାରାବାହିକ ତାଲିମ ଦିଆଯାଇ ପାରିବ, ତାହାହେଲେ ଓଡ଼ିଶା ମଧ୍ୟ ଏ ଦିଗରେ ଅନେକ ଅଗ୍ରଗତି କରି ପାରିବ । ଏଥିପାଇଁ ଉତ୍ସାହ ଦରକାର, ଉଦ୍ୟମ ଦରକାର ଏବଂ ସରକାରୀ ଓ ବେସରକାରୀ ସହଯୋଗ ଦରକାର । ଆମର ଆଶା ଓ ବିଶ୍ୱାସ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଏଥିପାଇଁ ଧାରାବାହିକ ଉଦ୍ୟମ ହେବ ।

୧୭-ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭

# ଓଡ଼ିଶାର ଦୁଗ୍ଧବନ୍ୟା ଯୋଜନା

ଡକ୍ଟର ଯୁଧିଷ୍ଠିର ପଣ୍ଡା

ଦେଶରେ ଦୁଗ୍ଧର ପ୍ରାଚୁର୍ଯ୍ୟ ସୃଷ୍ଟିକରିବା ଦୁଗ୍ଧବନ୍ୟା ଯୋଜନାର ଚରମ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବା ଶୁଣି ଆକୁମାରୀ ହିମାଚଳ ଶ୍ୱେତବିପ୍ଳବର ଅୟ ଆରମ୍ଭ । ଏହି ବିପ୍ଳବ ବିଦ୍ରୋହ ନୁହେଁ କି ବିପ୍ଳବୀ ବିଦ୍ରୋହୀ ନୁହନ୍ତି । ଏହି ବିପ୍ଳବ ଅଭିବିଷ୍ଟ ଦାରିଦ୍ର୍ୟ ଓ କ୍ଷୁଧା ବିରୁଦ୍ଧରେ, ସମାଜରେ ହିତ ସାଧନ ପାଇଁ, ଦାରିଦ୍ର୍ୟ ନିଷ୍ପେଷିତ, ସାମାଜିକ ନ୍ୟାୟରୁ ବଞ୍ଚିତ ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ, କୃଷିଶ୍ରମିକ, ଆଦିବାସୀ ଓ ହରିଜନ ଏ ବିପ୍ଳବର ମୁଖ୍ୟ ଅଂଶୀଦାର । ଘନ ଘନ ବନ୍ୟା, ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଆମର କୃଷି ସର୍ବସ୍ୱ ଅର୍ଥନୀତି ସ୍ୱତଃ ଶ୍ୱେତବିପ୍ଳବ ଆଡ଼କୁ ଆକର୍ଷିତ କାରଣ ସୁଦିନ ଓ ଦୁର୍ଦ୍ଦିନ ସମୟରେ ଏହାର ଧାମ କ୍ଷେତ୍ର ରହିଛି । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହି ବିପ୍ଳବର ସଫଳତା ଆଣିଦେବ ଭାରତୀୟ ଜୀବନରେ ବିରାଟ ପରିବର୍ତ୍ତନ ।

ଭାରତୀୟ ଦୁଗ୍ଧ ଉତ୍ପାଦନ ନିଗମ ଓ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡଙ୍କ ଯୋଜନା ଅନୁସାରେ ଭାରତରେ ୧୯୭୦ ମସିହା ଜୁଲାଇ ମାସଠାରୁ ଦୁଗ୍ଧ ବନ୍ୟା ଯୋଜନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ କେତେକ ଦୁଗ୍ଧ ବହୁଳ ଅଞ୍ଚଳରେ ଆରମ୍ଭ କରାଯାଇ ୧୯୮୧ ମସିହା ମାର୍ଚ୍ଚ ମାସରେ ଶେଷ କରାଯାଇଥିଲା ଏହାର ସଫଳତାରେ ଉତ୍ସାହିତ ହୋଇ ୧୯୭୯ ମସିହାରେ ଦେଶର ବହୁ ରାଜ୍ୟରେ ଦୁଗ୍ଧ ବନ୍ୟା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ତନ୍ମଧ୍ୟରୁ ଓଡ଼ିଶା ଅନ୍ୟତମ ।

## ଦୁଗ୍ଧ ବନ୍ୟା ଯୋଜନାର ଲକ୍ଷ୍ୟ

(କ) ଗୋପାଳନକୁ ଏକ ଉପଜୀବିକା ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ।

(ଖ) ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ (୧) ହିମିକୃତ ଶୁକ୍ର ମାଧ୍ୟମରେ କ୍ରମିତ ପ୍ରଜନନର ସୁବିଧାଦେଇ ସଙ୍କର ଜାତୀୟ ଗାଈ ସୃଷ୍ଟି କରିବା, (୨) ଉନ୍ନତ ଘାସ ଚାଷର ସୁବିଧା ଦେବା (୩) ଶସ୍ତା ଓ ସୁଲଭ ମୂଲ୍ୟରେ ସୁଷମ ଗୋ-ଖାଦ୍ୟ ଯୋଗାଇଦେବା (୪) ପଶୁ ସ୍ୱାସ୍ଥ୍ୟରକ୍ଷାର ସୁବିଧା ଯୋଗାଇ ଦେବା (୫) କୃଷକମାନଙ୍କୁ ପଶୁପାଳନ, ଦୁଗ୍ଧ ଉତ୍ପାଦନ କୌଶଳ ସମ୍ବନ୍ଧୀୟ ଶିକ୍ଷାଦେବା ଓ (୬) ଅନ୍ୟାନ୍ୟ ଆବଶ୍ୟକୀୟ ସଂପ୍ରସାରଣ ସେବା ଯୋଗାଇ ଦେବା ।

(ଗ) ସମବାୟ ସଂସ୍ଥା ମାଧ୍ୟମରେ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରୟ ବ୍ୟବସ୍ଥା କରିବା ।

(ଘ) ଦୁଗ୍ଧ ଉତ୍ପାଦନକାରୀଙ୍କଠାରୁ ଉଚିତ ମୂଲ୍ୟରେ ସ୍ୱାସ୍ଥ୍ୟପ୍ରଦ, ଖାଣ୍ଟି ଦୁଗ୍ଧ କିଣି ସହରାଞ୍ଚଳ ଖାଉଟିମାନଙ୍କୁ ଯୋଗାଇ ଦେବା ।

## ଯୋଜନାର କାର୍ଯ୍ୟ ପ୍ରଣାଳୀ

ଦୁଗ୍ଧ ବନ୍ୟା ଯୋଜନା କାର୍ଯ୍ୟକାରୀ ହେବ ଆନନ୍ଦ ଢାଞ୍ଚାରେ ଗଠିତ ସମବାୟ ସଂସ୍ଥା ମାଧ୍ୟମରେ । ଏହାକୁ ତିନିପର୍ଯ୍ୟାୟବିଶିଷ୍ଟ ଏକ ଅଖଣ୍ଡ କାର୍ଯ୍ୟଧାରାର ସମଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗ୍ରାମ୍ୟସ୍ତରରେ ଗ୍ରାମ୍ୟ ଦୁଗ୍ଧ ସମବାୟ ସମିତି, ଜିଲ୍ଲା ସ୍ତରରେ ଜିଲ୍ଲା ସମବାୟ ଦୁଗ୍ଧ ଉତ୍ପାଦନକାରୀ ସଂଘ ଏବଂ ପ୍ରାଦେଶିକ ସ୍ତରରେ ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନକାରୀ ମହାସଂଘ ।

## ଦୁଗ୍ଧ ସମବାୟ, ସମିତ, ସଂଘ ଓ ମହାସଂଘର କାର୍ଯ୍ୟପ୍ରଣାଳୀ ଓ ଦାୟିତ୍ୱ ।

୧ । ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନକାରୀ ମହାସଂଘ ।

(କ) ଦୁଗ୍ଧ ବନ୍ୟା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସିଧାସଳଖ କାର୍ଯ୍ୟକାରୀ କରିବାର ଗୁରୁ ଦାୟିତ୍ୱ ଏହା ଉପରେ ନ୍ୟସ୍ତ ।

(ଖ) ମହାସଂଘ, ଜିଲ୍ଲାସଂଘଗୁଡ଼ିକୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେଇଥାଏ । ଦୁଗ୍ଧ ସମବାୟ ସମିତି ଓ ସଂଘର ପୁନର୍ଗଠନ ତଥା ପରିଚାଳନା ସମ୍ବନ୍ଧରେ ବୁଝିଥାଏ, ସଂଘ ଓ ସମିତିର ସଭ୍ୟମାନଙ୍କୁ ତାଲିମ୍ ଦେଇଥାଏ ଓ ନିୟମିତ ଭାବେ ସଂଘ ଓ ସମିତିର ହିସାବପତ୍ର ସମୀକ୍ଷା କରିଥାଏ ।

(ଗ) ମହାସଂଘ ଏକାଧାରରେ ସମିତି ଓ ସଂଘଗୁଡ଼ିକର ବନ୍ଧୁ, ନୈତିକ ବଳର ଉତ୍ସ ଓ ପଥ ପ୍ରଦର୍ଶକ ।




[illegible] ଓ ଶ୍ରୀ [illegible] [illegible]
[illegible]




ବୁଦ୍ଧିଜୀବୀଙ୍କର ଫୋରମ୍ ଉଦ୍‌ଘାଟନ






ସମବାୟ ଗୃହ ନିର୍ମାଣ ଯୋଜନାର ଶିଳାନ୍ୟାସ



[illegible]




ପରମାନନ୍ଦ ପ୍ରଶିକ୍ଷଣ କଲେଜ

... ପୁଷ୍ଟିକର ଓ ସ୍ୱାସ୍ଥ୍ୟ ଯୋଜନା ସଂପର୍କରେ [illegible] କେନ୍ଦ୍ରୀୟ ଦଳ [illegible] ପ୍ରତିନିଧିମାନଙ୍କ ସହିତ ଆଲୋଚନା କରୁଛନ୍ତି ।





ଆସିକା ମହିଳା ...
ବିଦ୍ୟାଳୟ ...




ଜଗନ୍ନାଥ ସମବାୟ
ସୁତାକଳର ଶିଳାନ୍ୟାସ ।



ଶିକ୍ଷା ମନ୍ତ୍ରୀ ଶ୍ରୀ ...
ମହାପାତ୍ର ...
ସୁନିତ୍, ଶାନ୍ତିଲା ...
କରିବ ...
ଘାଟନ କରୁଛନ୍ତି

# ଅକ୍ଷମ ପିଲା : ତା'ର ଶିକ୍ଷା ଓ ଥଇଥାନ

ଶ୍ରୀ ଜଗନ୍ନାଥ ପଣ୍ଡା

ପିଲାମାନେ ଦେଶର ଭବିଷ୍ୟତ । ତାଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ଦେଶର ସାମୂହିକ ଉନ୍ନତି ନିର୍ଭର କରେ । ଏହି ଭୂମିକାରେ ଜାତିସଂଘ ପିଲାର ଅଧିକାର ସଂପର୍କରେ କହିବାକୁ ଯାଇ ଘୋଷଣା କରିଛନ୍ତି – "ପିଲାର ଶାରୀରିକ ଓ ମାନସିକ ଅପରିପକ୍ୱତା ଦୃଷ୍ଟିରୁ ସେ ଜନ୍ମ ପୂର୍ବରୁ ଓ ପରେ ସ୍ୱତନ୍ତ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରେ । ପିଲାର ଯାହା ସର୍ବଶ୍ରେଷ୍ଠ ପ୍ରାପ୍ୟ ମାନବଜାତିକୁ ତାହା ଦେବାକୁ ହେବ" "Child, by reson of his physical and mental immaturity needs special safeguards and care, before as well as after birth. It also affirms that, mankind owes to the child the best it has to give" ଶାରୀରିକ ପୁଷ୍ଟି ସାଧନ ପାଇଁ ଖାଦ୍ୟର ଆବଶ୍ୟକତା ଯେପରି ରହିଛି ଶିଶୁର ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଶିକ୍ଷାର ଆବଶ୍ୟକତା ସେହିପରି ରହିଛି । ସାଧାରଣ ଓ ଅକ୍ଷମ ପିଲା ଉଭୟଙ୍କର ଏ ଦିଗରେ ସମାନ ସୁଯୋଗ ଦରକାର ।

ଆଧୁନିକ ବୈଜ୍ଞାନିକ ଯୁଗରେ ଅକ୍ଷମ ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ୱତନ୍ତ୍ର ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ଏବଂ ଯନ୍ତ୍ରପାତି ଦ୍ୱାରା ସମ୍ଭବପର ହୋଇ ପାରୁଛି ଏବଂ ଶିକ୍ଷା ଓ ତାଲିମ୍ ପାଇ ସେମାନେ ସମାଜରେ ଏକ ଅବଶ୍ୟକୀୟ ଅଙ୍ଗରୂପେ ପରିଗଣିତ ହୋଇ ପାରୁଛନ୍ତି । ବାଧକତା ଓ ଅକ୍ଷମତା ପୂର୍ବ ଜନ୍ମର ପାପର ଫଳ, ଅକ୍ଷମ ପିଲାକୁ ସମାଜ ତ୍ୟାଗ କରିବା ଉଚିତ୍ ବା ସେମାନଙ୍କୁ ନଷ୍ଟ କରିଦେବା ଦରକାର – ଏପରି ଅମାନବିକ, ନୃଶଂସ ଓ ଅନ୍ଧ ବିଶ୍ୱାସ ଆଉ ଆଜି ନାହିଁ । ବିଭିନ୍ନ ବୈଜ୍ଞାନିକ ଉଦ୍ଭାବନ ଓ କୌଶଳ ଅକ୍ଷମର ସକ୍ଷମତା ପ୍ରତିପାଦିତ କରିଛି । ଯେଉଁ ଜାତି ଯେତେ ସଭ୍ୟ ସେ ଜାତି ଅକ୍ଷମମାନଙ୍କ ଉନ୍ନତି ବିଧାନ ନିମନ୍ତେ ସେତେ ସୁବିଧା ସୁଯୋଗ ଯୋଗାଇ ଦେଇ ପାରିଛି ।

ୟୁରୋପ, ଆମେରିକା, ଋଷ, ଜାପାନ ଇତ୍ୟାଦି ଦେଶର ଶିକ୍ଷା ବ୍ୟବସ୍ଥା ଏବଂ ବାଧିତ ପିଲାମାନଙ୍କର ସ୍ୱତନ୍ତ୍ର ଶିକ୍ଷା ଓ ତାଲିମର ସୁଯୋଗ ଅନୁଧ୍ୟାନ କଲେ ଦେଖାଯାଏ ଯେ ବାଧିତ ବ୍ୟକ୍ତିର ଜୀବନ ଯାତ୍ରା ସାଧାରଣ ଜୀବନ ଯାତ୍ରା ସ୍ରୋତରେ ପ୍ରାୟ ସାମିଲ ହୋଇଯାଇଛି । ଅକ୍ଷମମାନଙ୍କର ବିଭିନ୍ନ ଅସୁବିଧା ଦୂର କରିବା ପାଇଁ ଆଇନ କାନୁନ୍ ପ୍ରଣୟନ କରାଯାଇ ଶିକ୍ଷା ଓ ତାଲିମ ଦ୍ୱାରା ସେମାନଙ୍କର କର୍ମକ୍ଷମତା ସମାଜ ଆଗରେ ପ୍ରମାଣିତ କରି ସେମାନଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ କରାଯାଇଛି । କୌଣସି ବାଧିତ ବା ଅକ୍ଷମ ପିଲା ପିତାମାତାଙ୍କର ବୋଝ ହୋଇ ଆଉ ରହୁନାହିଁ । ଏପରିକି ସବୁଠାରୁ ବେଶୀ ସମସ୍ୟା ସୃଷ୍ଟି କରୁଥିବା ପାଗଳ ପିଲା ଏବଂ ଅନ୍ଧ ଓ ବଧିର ପିଲା (ଯୋହାକୁ ଦେଖା ଯାଏ ନାହିଁ କି ଶୁଭେ ନାହିଁ) ମଧ୍ୟ ଜାତି ଗଠନରେ ସାହାଯ୍ୟ କରି ପାରୁଛି । ସୁଇଜରଲ୍ୟାଣ୍ଡ ରାଜଧାନୀ ବନ୍ ସହରରେ ଏକ 'ଅକ୍ଷମ ନିବାସ' ଏବଂ ଆମେରିକାର କଲର୍ଣ୍ଣିଆ ସହରରେ 'ଉଡ୍‌ହ୍ୟାଭନ୍' ନାମକ ଏକ ଅକ୍ଷମ ନିବାସ ଦେଖିଲେ ନିଜ ଆଖିକୁ ବିଶ୍ୱାସ କରି ହୁଏନି । ବନ୍ ସହରର ମ୍ୟୁନିସପାଲଟିର ସମସ୍ତ ଆବଶ୍ୟକ ଜିନିଷ ତାର 'ଅକ୍ଷମ ନିବାସ' ଯୋଗାଇଥାଏ । ଏଥିରୁ ଅକ୍ଷମ କିପରି ସକ୍ଷମ ଭଳି କାର୍ଯ୍ୟ କରିପାରେ ତାହାର ପ୍ରମାଣ ମିଳେ ।

ମଣିଷର ବିକାଶ ପଥରେ ଅନେକ ସମ୍ଭାବନା ରହିଛି । ଗୋଟିଏ ସମ୍ଭାବନା କୌଣସି ବ୍ୟକ୍ତି ପକ୍ଷରେ ବିକଶିତ ନ ହେଲେ ମଧ୍ୟ ଅନ୍ୟ ସମ୍ଭାବନାଗୁଡିକ ବିକାଶ ଲାଭ କରିପାରେ । ଏହା ଅକ୍ଷମ ତଥା ସକ୍ଷମ ଉଭୟଙ୍କ ପାଇଁ ସତ୍ୟ । ତେଣୁ ଅକ୍ଷମମାନଙ୍କୁ ପରିତ୍ୟାଗ ବା ଅବହେଳା ପ୍ରଦର୍ଶନ କରିବାର କୌଣସି କାରଣ ନାହିଁ ।

ସ୍ୱାଧୀନତା ଲାଭ ପରେ ଭାରତବର୍ଷରେ ଏହି ବାଧିତ ବା ଅକ୍ଷମମାନଙ୍କର ଶିକ୍ଷା ଓ ଥଇଥାନଗତ ତାଲିମ ପାଇଁ ସକ୍ରିୟ ଚେଷ୍ଟା ଆରମ୍ଭ ହୋଇଛି । ଏମାନଙ୍କର ଶିକ୍ଷା ଓ ଥଇଥାନ ବ୍ୟବସ୍ଥା ରାଜ୍ୟ ସରକାରମାନଙ୍କର ଦାୟିତ୍ୱ ହୋଇ ଥିଲେ ହେଁ ରାଜ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପଞ୍ଚ ବାର୍ଷିକ ଯୋଜନାମାନଙ୍କରେ ବିଭିନ୍ନ ପ୍ରକଳ୍ପରେ ଅର୍ଥ ବରାଦ କରି ରାଜ୍ୟମାନଙ୍କୁ ସାହାଯ୍ୟ କରୁଛନ୍ତି । ବର୍ତ୍ତମାନ ଅକ୍ଷମମାନଙ୍କୁ ଶିକ୍ଷା ଓ ତାଲିମ ଦେବା ପାଇଁ ବୃତ୍ତି ଯୋଜନା

ରାଜ୍ୟ ସରକାରଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ବାଧିତ କଲ୍ୟାଣ କାର୍ଯ୍ୟପାଇଁ ଶତକଡ଼ା ୮୦ ଭାଗ ପରିଚାଳନା ଖର୍ଚ୍ଚ ଏବଂ ୨.୫ ଲକ୍ଷ ପର୍ଯ୍ୟନ୍ତ ଗୃହ ନିର୍ମାଣ ଖର୍ଚ୍ଚ ବାବଦ ଆର୍ଥିକ ସାହାଯ୍ୟ ଦିଆଯାଉଅଛି । ରାଜ୍ୟରେ ସାଧାରଣ ଶିକ୍ଷାୟତନରେ ଅକ୍ଷମମାନଙ୍କର ଶିକ୍ଷା ବ୍ୟବସ୍ଥା କରିବା ପାଇଁ ସମନ୍ୱିତ ଶିକ୍ଷା ଯୋଜନା ବାବଦ ସମସ୍ତ ଖର୍ଚ୍ଚ ଷଷ୍ଠ ଯୋଜନା କାଳରେ ଦେବାକୁ ସ୍ଥିର ହୋଇଛି । କେନ୍ଦ୍ରୀୟ ତଥା କେନ୍ଦ୍ରୀୟ ସାହାଯ୍ୟ ପ୍ରାପ୍ତ ବା ନିୟନ୍ତ୍ରଣାଧୀନ ଅନୁଷ୍ଠାନମାନଙ୍କରେ ଖାଲି ହେଉଥିବା ଚାକିରୀରେ ଶତକଡ଼ା ତିନିଭାଗ ସ୍ଥାନ ସଂରକ୍ଷଣ କରାଯାଇଛି ।

ଜାତିସଂଘ ୧୯୮୧ ବର୍ଷଟିକୁ ଅକ୍ଷମ ସମ୍ବତ୍ସର ରୂପେ ଘୋଷଣା କରିବା ପରେ ଭାରତ ସରକାର ଏହି ଘୋଷଣାର ଅନୁମୋଦନକାରୀ ଦେଶ ରୂପେ ଜାତୀୟ ସ୍ତରରେ ଏକ କମିଟି ଗଠନ କରି ଅକ୍ଷମ କଲ୍ୟାଣ ଦିଗରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଏ ଦିଗରେ ବିଭିନ୍ନ ଯୋଜନା ରାଜ୍ୟମାନେ ତାଙ୍କର ନିଜ ନିଜ ପ୍ରକଳ୍ପ ସ୍ଥିର କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଉଛନ୍ତି । ଅକ୍ଷମମାନଙ୍କୁ ଶିକ୍ଷା , ତାଲିମ୍ ଓ ଚାକିରୀ କ୍ଷେତ୍ରରେ ଅଧିକ ସୁଯୋଗ ଦେବାକୁ କେନ୍ଦ୍ର ସ୍ତରରେ ଆଇନ୍ ପ୍ରଣୟନ କରାଯିବାକୁ ଉଦ୍ୟମ ହେଉଛି ।

ଆମ ରାଜ୍ୟରେ ବାଧିତ କଲ୍ୟାଣ କାର୍ଯ୍ୟକ୍ରମ କ୍ରମେ ଅଧିକରୁ ଅଧିକ ଗୁରୁତ୍ୱ ଲାଭକରି ଉନ୍ନତି ପଥରେ ଆଗେଇ ଚାଲିଛି । ପ୍ରଥମେ ଭୁବନେଶ୍ୱର ଓ ବୁର୍ଲାରେ ଦୃଷ୍ଟିହୀନ ଓ ବଧିରମାନଙ୍କ ପାଇଁ ଦୁଇଟି ଶିକ୍ଷାୟତନ ଏବଂ ଖଞ୍ଜମାନଙ୍କ ପାଇଁ ଅଳ୍ପ କେତୋଟି ବୃତ୍ତି ଦେବାରେ ଆମ ରାଜ୍ୟର ବାଧିତ କଲ୍ୟାଣ କାର୍ଯ୍ୟକ୍ରମ ସୀମିତ ଥିଲା ।

୧୯୭୫ ମସିହାଠାରୁ ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ (ବର୍ତ୍ତମାନର ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ) ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଅକ୍ଷମମାନଙ୍କ ପାଇଁ ଅଧିକ ଯୋଜନା କାର୍ଯ୍ୟକାରୀ କରାଇ ପାରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ଓ ବୁର୍ଲାର ସ୍ୱତନ୍ତ୍ର ବିଦ୍ୟାଳୟକୁ ଛାଡିଦେଲେ ବ୍ରହ୍ମପୁରରେ ରେଡ଼କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, କଟକ ଜିଲ୍ଲାର ମାହାଙ୍ଗରେ ଲକ୍ଷ୍ମଣ ଜୀଉ ଦୃଷ୍ଟିହୀନ ବିଦ୍ୟାଳୟ, କଟକ ସହରରେ କଲ୍ୟାଣୀ ଦୃଷ୍ଟିହୀନ ବିଦ୍ୟାଳୟ ଏବଂ ରାଉରକେଲାରେ ମାନସିକ ବିକୃତ ବା ପାଗଳ ପିଲାଙ୍କପାଇଁ "ହୋମ ଏଣ୍ଡ ହୋପ" ନାମକ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ପାରିଛି । ଏଥିପାଇଁ ରାଜ୍ୟ ସରକାର ପରିଚାଳନା ବ୍ୟୟ ବାବଦକୁ ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଏହା ବ୍ୟତୀତ ବାଣପୁରରେ ବଧିରମାନଙ୍କ ପାଇଁ ଏକ ଶିକ୍ଷାନୁଷ୍ଠାନ ଓ ସମନ୍ୱିତ ଶିକ୍ଷା କାର୍ଯ୍ୟକ୍ରମରେ କଟକ, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ ଓ ପୁରୀ ଜିଲ୍ଲାମାନଙ୍କରେ ନଅଟି ପ୍ରାଥମିକ ବିଦ୍ୟାଳୟରେ ଅକ୍ଷମ ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରାଯାଉଛି । ସରକାରଙ୍କ ତରଫରୁ ଦୃଷ୍ଟିହୀନ ଓ ବଧିରମାନଙ୍କର ପ୍ରତି... ସଂଘକୁ ତାଙ୍କର ସାଂସ୍କୃତିକ ଓ ବାଧିତ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ମଧ୍ୟ ଦିଆଯାଉଛି ।

ରାଜ୍ୟ ସରକାର ବଧିର ଓ ଖଞ୍ଜମାନଙ୍କ ପାଇଁ ସହାୟକ ଯନ୍ତ୍ରପାତି କିଣିବା ନିମନ୍ତେ ଆର୍ଥିକ ସାହାଯ୍ୟ ଦେଉଛନ୍ତି ଓ ପାଠ ପଢ଼ିବା ପାଇଁ ପ୍ରଥମ ଶ୍ରେଣୀଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଅକ୍ଷମ ପିଲାମାନଙ୍କୁ ବୃତ୍ତି ଦେଉଛନ୍ତି । ସରକାରୀ ଚାକିରୀରେ ଥିବା ଦୃଷ୍ଟିହୀନ ଓ ଅକ୍ଷମ କର୍ମଚାରୀମାନଙ୍କୁ ଯାତାୟତ ଖର୍ଚ୍ଚ ପାଇଁ ସେମାନଙ୍କର ଦରମାର ଶତକଡ଼ା ଦଶଭାଗ ବା ସର୍ବୋଚ୍ଚ ମାସିକ ଟ୫୦ଙ୍କା ଦିଆ ଯାଉଛି ଏବଂ ସରକାରୀ ବସରେ ଦୃଷ୍ଟିହୀନ ପିଲମାନଙ୍କୁ ଶତକଡ଼ା ୫୦ ଭାଗ ଭଡ଼ା ରିହାତି ଦିଆ ଯାଇଛି ।

ସରକାରଙ୍କ ତରଫରୁ ଏ ବର୍ଷ ନୂଆକରି ଏକ ଆତ୍ମନିଯୁକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିରେ କୁଟୀର ଶିଳ୍ପ ବା ଅକ୍ଷମମାନଙ୍କ ଉପଯୋଗୀ କୌଣସି ଶିଳ୍ପ ପାଇଁ ବ୍ୟାଙ୍କ ଜରିଆରେ ଋଣ ନେଲେ ସେଥିରେ ଶତକଡ଼ା ୫୦ ଭାଗ ସରକାର ସିବ୍ସିଡି ଆକାରରେ ଆର୍ଥିକ ସାହାଯ୍ୟ ଦେବେ । ଏହି ସୁଯୋଗରେ ଅକ୍ଷମମାନେ ଛୋଟ ଛୋଟ ବ୍ୟବସାୟ ବା ଶିଳ୍ପ ପ୍ରତିଷ୍ଠାକରି ନିଜର ପେଟ ପୋଷି ପାରିବେ । ଏହା ବ୍ୟତୀତ ସରକାରୀ ଚାକିରୀ କ୍ଷେତ୍ରରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀରେ ସଂରକ୍ଷଣ ବ୍ୟବସ୍ଥାକୁ ଶତକଡ଼ା ୧ ଭାଗରୁ ତିନି ଭାଗକୁ ବଢ଼ାଇ ଦେଇଛନ୍ତି । ଏହାଦ୍ୱାରା ଖାଲି ହେଉଥିବା ସରକାରୀ ବା ସରକାରୀ ସାହାଯ୍ୟପ୍ରାପ୍ତ ଉଦ୍ୟୋଗମାନଙ୍କରେ ଅକ୍ଷମମାନଙ୍କୁ ଚାକିରୀର ସୁଯୋଗ ମିଳିବ ।

ଆନ୍ତର୍ଜାତିକ ଅକ୍ଷମ ସମ୍ବତ୍ସର ପାଳନ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ଏକ କମିଟି ଗଠନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ଏଥିରେ ଯଥାକ୍ରମେ ସଭାପତି ଓ ଉପ ସଭାପତି ଅଛନ୍ତି ଏବଂ ବିଶିଷ୍ଟ ଶିକ୍ଷାବିତ୍, ବିଶେଷଜ୍ଞ ଓ ସମାଜସେବୀମାନେ ସଭ୍ୟ ରହିଛନ୍ତି । ଏହି କମିଟିର ସୁପାରିଶ କ୍ରମେ ରାଜ୍ୟସରକାର ଅକ୍ଷମ ମାନଙ୍କ ପାଇଁ ଚାରୋଟି ବୃତ୍ତିଗତ ତାଲିମକେନ୍ଦ୍ର, ଅଧିକ ସମନ୍ୱିତ ଶିକ୍ଷା ପ୍ରକଳ୍ପ, ବାଧିତମାନଙ୍କର ପରିସଂଖ୍ୟାନ କାର୍ଯ୍ୟ, ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ କିପରି ସକ୍ଷମ ହୋଇପାରିବେ ତା'ର ଉପାୟମାନ ଲୋକଙ୍କୁ ବୁଝାଇବା ପାଇଁ ସପ୍ତାହ ପାଳନ ଏବଂ ସାଧାରଣ ସମାଜରେ ଅକ୍ଷମର କ୍ଷମତା ବା ତା'ର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ଉଦାହରଣମାନ ଉପସ୍ଥାପନା କରି ସମାଜରେ ତାର ଏକ ନିଖୁଣ ଓ ସୁସ୍ଥ ଚିତ୍ରଲେଖା ଚଳଚ୍ଚିତ୍ର ଓ ଆକାଶବାଣୀ ଇତ୍ୟାଦି ମାଧ୍ୟମରେ

ସେବା ପାଇଁ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି । ସମାଜଶିକ୍ଷା ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଏ ଦାୟିତ୍ୱରେ ରହି ଅକ୍ଷମ କଲ୍ୟାଣ ଦିଗରେ ସବୁ-ପ୍ରକାର ଚେଷ୍ଟା କରୁଛନ୍ତି ଏବଂ ସରକାରଙ୍କର ସୀମିତ ସମ୍ବଳ ମଧ୍ୟରେ ଯାହା ସର୍ବଶ୍ରେଷ୍ଠ କରାଯିବାର କଥା ତାହା କରୁଛନ୍ତି । କିନ୍ତୁ ରାଜ୍ୟର ଅକ୍ଷମ ଲୋକଙ୍କର ସଂଖ୍ୟା ଦୃଷ୍ଟିରୁ ଯେତେଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ତାହା ଯଥେଷ୍ଟ ନୁହେଁ । ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାଧାରଣ ଜନତା ସରକାରଙ୍କ ସହିତ ସହଯୋଗ କରି ଅଧିକ ଶିକ୍ଷାୟତନ, କର୍ମସଂସ୍ଥାନ ତାଲିମ କେନ୍ଦ୍ର ଓ ଚାକିରୀ କ୍ଷେତ୍ରରେ ଅକ୍ଷମମାନଙ୍କୁ ନିଯୁକ୍ତି ଦେଇପାରିଲେ ଅଗଣିତ ଅକ୍ଷମ ଭାଇ ଭଉଣୀମାନଙ୍କୁ ଅଧିକ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଜୀବନକୁ ସରସ ଓ ସୁନ୍ଦର କରି ପାରନ୍ତେ । ଏହା ଫଳରେ ସେମାନେ ନିଜର ହୀନମନ୍ୟତା ପରିତ୍ୟାଗ କରି ଅନ୍ୟମାନଙ୍କ ସଙ୍ଗରେ ପାଦମିଳାଇ ଚାଲିପାରନ୍ତେ ଓ ଦେଶର ଅଗ୍ରଗତିରେ ଯଥା ସମ୍ଭବ ସାହାଯ୍ୟ କରି ପାରନ୍ତେ, ଏଥିରେ ସନ୍ଦେହ ନାହିଁ ।

ସେବାର ଅଫିସର,
ଶିକ୍ଷା ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ
ଭୁବନେଶ୍ୱର -୧

- ❋ ଆସନ୍ତା ୫ ବର୍ଷ ଭିତରେ ରାଜ୍ୟର ୫ ଲକ୍ଷ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଥଇଥାନ କରାଯିବ ।
- ❋ ଅର୍ଥନୈତିକ ଥଇଥାନ ପାଇଁ ଗତ ମଇ ଶେଷ ସୁଦ୍ଧା ୩୩,୦୦୦ ଦରିଦ୍ରତମ ପରିବାର ବଛା-ଗଲେଣି ।
- ❋ ଦରିଦ୍ରତମ ପରିବାରଙ୍କର ଥଇଥାନ ଲାଗି ୯ ଲକ୍ଷ ୩୦ ହଜାର ଏକର ଜମି ଚିହ୍ନଟ କରାଗଲାଣି ।
- ❋ ବର୍ଷ ମଧ୍ୟରେ ୨୨,୭୯୮ ଜଣ ଦରିଦ୍ରତମ ପରିବାରଙ୍କୁ ଥଇଥାନ କରାଯାଇଛି । ଏମାନଙ୍କ ମଧ୍ୟରୁ ୫୪୭୭ଟି ପରିବାରଙ୍କୁ ଜମି ଯୋଗାଇ ଥଇଥାନ କରାଯାଇଛି ।
- ❋ ୯ଟି ଜଳସେଚନ ପ୍ରକଳ୍ପ ଜଳଭଣ୍ଡାରରେ ୭୦୦ ଗରିବ ଧୀବର ପରିବାରଙ୍କୁ ମାଛ ମାରିବା ସୁବିଧା ମିଳିଲାଣି ।

# ପ୍ରଗତିର ସାଂସ୍କୃତିକ ତାତ୍ପର୍ଯ୍ୟ

ଅଧ୍ୟାପକ ଚନ୍ତାମଣି ଚବଚନ୍ଦ୍ର

ପ୍ରଗତିର ସାଂସ୍କୃତିକ ତାତ୍ପର୍ଯ୍ୟ ବିଚାର ବା ଉପଲବ୍ଧି କରିବା ପୂର୍ବରୁ ପ୍ରଥମେ 'ସଂସ୍କୃତି' ଶବ୍ଦଟିର ବିଚାର-ବିଶ୍ଳେଷଣ ପ୍ରୟୋଜନ। କାରଣ, ସଂସ୍କୃତି ଚେତନା ସହ ପ୍ରଗତି ଚେତନା ଅତି ଅଙ୍ଗାଙ୍ଗୀ ଭାବରେ ସଂପୃକ୍ତ ଏବଂ ସଂସ୍କୃତି ବିନା ପ୍ରଗତିର ଚିନ୍ତା-ଚେତନା ବା ଧ୍ୟାନ-ଧାରଣା ସଂପୂର୍ଣ୍ଣ ଅବାସ୍ତବ ଓ ଅବାନ୍ତର । ଜଣେ ମନୁଷ୍ୟ, ଗୋଟିଏ ଜାତି ବା ଗୋଟିଏ ଦେଶ ପ୍ରଗତିଶୀଳ ବୋଲି ବିବେଚିତ ହୁଏ, ଯେତେବେଳେ ସେ ଯଥାର୍ଥରେ ହୁଏ ସଂସ୍କୃତିବନ୍ତ ଏବଂ ଅପସଂସ୍କୃତିର ଉପାସନା କରୁଥିବା କୌଣସି ବ୍ୟକ୍ତି, ଦେଶ ବା ଜାତି କେବେ ପ୍ରଗତିଶୀଳ ବୋଲି ବିବେଚିତ ବା ସମ୍ମାନିତ ହୋଇ ନ ଥାଏ । ତେଣୁ 'ପ୍ରଗତି' କଥାଟି 'ସଂସ୍କୃତି' ମଧ୍ୟରେ ଯେପରି ସ୍ୱତଃ ଅନ୍ତର୍ନିହିତ ସେହିପରି ସଂସ୍କୃତି ମଧ୍ୟ ପ୍ରଗତି ମଧ୍ୟରେ ସ୍ୱାଭାବିକ ଭାବରେ ଲୁକ୍‌କାୟିତ । ଆମ ପ୍ରଗତି ବା ଗତିଶୀଳତାର ନିକିତି ବା କଷଟି ହେଉଛି ଆମର ସଂସ୍କୃତି ।

ସଂସ୍କୃତିକୁ ଆମେମାନେ ଇଂରାଜୀ 'କଲ୍‌ଚର' (Culture) ଶବ୍ଦର ପ୍ରତି ଶବ୍ଦରୂପେ ସାଧାରଣତଃ ବ୍ୟବହାର କରିଥାଉଁ । ଫରାସୀ 'କଲ୍ଟ' (Culte) ଶବ୍ଦର ମଧ୍ୟ ଦେଇ (ଲାଟିନ୍) (କଲ୍‌ଟସ୍) ଶବ୍ଦରୁ ଏଇ 'କଲ୍‌ଚର' ଶବ୍ଦର ଜନ୍ମ । ଏହାର ପ୍ରଥମ ଅର୍ଥ ହେଉଛି, କୌଣସି ଧାର୍ମିକ ପୂଜା ବା ଉତ୍ସବରେ ସଂଗଠିତ ପ୍ରଣାଳୀ । ପୁଣି ଏହି ଶବ୍ଦଟି କର୍ଷଣ ବା ପାଳନ ଅର୍ଥରେ ମଧ୍ୟ ବ୍ୟବହୃତ । ଉଦାହରଣ ସ୍ୱରୂପ କୌଣସି ଉଦ୍‌ଭିଦର କର୍ଷଣ ବା ପଶୁପକ୍ଷୀର ପରିପାଳନ । ପରେ ଏଇ ଶବ୍ଦଟି ଶିକ୍ଷା ଓ ଅନୁଶୀଳନ ଦ୍ୱାରା ମନ ପ୍ରତିଭା ବା ଆଚରଣର ଉନ୍ନତି, ବିକାଶ ବା ସଂସ୍କାରକୁ ହିଁ ବୁଝାଉଛି । କିନ୍ତୁ 'କଲଚର'ର ପ୍ରତିଶବ୍ଦ ରୂପେ 'ସଂସ୍କୃତି' ଶବ୍ଦର ପ୍ରଚଳନ ଆମ ଦେଶରେ ଅତି ଅର୍ବାଚୀନ । ଏଥି ପୂର୍ବରୁ ଏହା କେତେବେଳେ 'ଅନୁଶୀଳନ', କେତେବେଳେ 'ସଭ୍ୟତା' ବା କେତେବେଳେ 'କୃଷ୍ଟି' ଅର୍ଥରେ ହିଁ ବ୍ୟବହୃତ ହେଉଥିଲା ! 'କୃଷ୍ଟି' ଶବ୍ଦ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଏବଂ 'Culture' ର ମୌଳିକ ଅର୍ଥ ଦୃଷ୍ଟିରୁ ଏହା ଅନ୍ୟାୟ ବା ଅସଙ୍ଗତ ମଧ୍ୟ ନୁହେଁ । ଏଇ 'କୃଷ୍ଟି' ଶବ୍ଦଟି ଅତି ପ୍ରାଚୀନ ଏବଂ ଏହାର ନୈତିକ ଅର୍ଥ ଏବେ ଅପ୍ରଚଳିତ । ବେଦରେ ଏହା ସାଧାରଣ 'କୃଷକ' ଅର୍ଥରେ ବା ସୃଷ୍ଟିମୂଳକ ସକ୍ରିୟ ପ୍ରୟାସର ଗୋଟିଏ ଇଙ୍ଗିତ ରହିଛି ବୋଲି ତାହା ସବୁ ଯୁଗର ମନୁଷ୍ୟର ଉପଯୋଗୀ । ଯେଉଁ କାରଣରୁ ହେଉ, 'Culture' ର ପ୍ରତିଶବ୍ଦରୂପେ 'ସଂସ୍କୃତି' ଶବ୍ଦର ପ୍ରଚଳନ 'କୃଷ୍ଟି' ଅପେକ୍ଷା କ୍ରମେ ବଢି ଚାଲିଛି ।

ସଂସ୍କୃତି କହିଲେ କେହି କେହି ସାଧାରଣତଃ ବୁଝିଥାନ୍ତି କାବ୍ୟ, ସଙ୍ଗୀତ, ଶିଳ୍ପ, ଦର୍ଶନ ବା ଧ୍ୟାନ-ଧାରଣା ବୋଲି ମନେ କରନ୍ତି, ଆଚାର-ଅନୁଷ୍ଠାନ ବା ଭଦ୍ରତା-ଶିଷ୍ଟାଚାର। ସେ ସଂପର୍କିତ ଭାବନା-ଧାରଣା ନୀତି-ନିୟମ ମଧ୍ୟ ଏହାର ଅନ୍ତର୍ଗତ । କେହି କେହି ଏହାର କୌଣସି ଗୋଟିଏ ଅଂଶକୁ ହିଁ ସବୁ କିଛି ବୋଲି ମନେ କରିଥାନ୍ତି। ଯେପରି କେହି କେହି କହନ୍ତି ଧର୍ମ ହେଉଛି ସଂସ୍କୃତି, କାରଣ ଧର୍ମ ସର୍ବବ୍ୟାପକ । କେହି ବା ସାହିତ୍ୟ, ଶିଳ୍ପ ବା ଦର୍ଶନକୁ ମୁଖ୍ୟ ଅଂଶ ବୋଲି ମନେ କରିଥାନ୍ତି । କିନ୍ତୁ ଗୋଟିଏ ମୌଳିକ କଥା ଏଠାରେ ଅତି ସ୍ପଷ୍ଟ ଯେ, ସଂସ୍କୃତି କେବଳ ମନର ବିଳାସ ନୁହେଁ, ମନର ସୃଷ୍ଟି-ସଂପଦ ନୁହେଁ ବା ଦର୍ଶନର ଆତ୍ମାନୁଭୂତି ନୁହେଁ । ଜୀବନର ବାସ୍ତବ ପ୍ରୟୋଜନରେ ଏହାର ଜନ୍ମ ହୁଏ ; ମନୁଷ୍ୟର ବଞ୍ଚିବା ସଂଗ୍ରାମରେ ଏହା ଶକ୍ତି ଯୋଗାଏ ; ଜୀବନଯାତ୍ରାର ବାସ୍ତବ ଉଦ୍ଦେଶ୍ୟକୁ ସିଦ୍ଧ କରେ ଏବଂ ସେହି ଜୀବନଯାତ୍ରାର ଘାତ-ପ୍ରତିଘାତରେ ସଂସ୍କୃତିର ରୂପ ଓ ରଙ୍ଗ ପରିବର୍ତ୍ତିତ ହୁଏ। ପୁଣି ସଂସ୍କୃତି ସାହାଯ୍ୟରେ ଜୀବନଯାତ୍ରା ଯେପରି ଅଗ୍ରସର ହୁଏ, ସଂସ୍କୃତି ମଧ୍ୟ ସେହିପରି ଜୀବନଯାତ୍ରା ସହିତ ସମ୍ପର୍କ ରକ୍ଷି କ୍ରମେ ତା' ସହିତ ନୂତନ ବୈଚିତ୍ର୍ୟମୟ ହୋଇଉଠେ। ଜୀବନ ସହିତ ସଂସ୍କୃତିର ଏହି ସମ୍ବନ୍ଧ ଯେତେବେଳେ ଲକ୍ଷ୍ୟ କରୁ, ସେତେବେଳେ ବୁଝୁ ସଂସ୍କୃତି ସ୍ଥାଣୁ ନୁହେଁ-ତାହାର ରୂପାନ୍ତର ମଧ୍ୟ ଘଟିଥାଏ । ସଂସ୍କୃତିର ଅର୍ଥ କେବଳ ସଂସ୍କାରର ପୁନରାବର୍ତ୍ତନ ନୁହେଁ, ସଂସ୍କାରର ଏହା ହେଉଛି ଐତିହାସିକ ବିବର୍ତ୍ତନ । ସମସ୍ତ ବିବର୍ତ୍ତନର ମଧ୍ୟ ଦେଇ ମନୁଷ୍ୟ କ୍ରମେ ଅଧିକ ମନୁଷ୍ୟ ବା ଉନ୍ନତ ମନୁଷ୍ୟରେ ପରିଣତ ହେଉଛି । ପ୍ରାଚୀନ ସଂସ୍କୃତି ମଧ୍ୟ ହେଉଛି ଏକ ବ୍ୟାପକତର ବିଶ୍ୱ ସଂସ୍କୃତିରେ ରୂପାନ୍ତରିତ । ତେଣୁ ମାନବ ଜାତିର ସଂସ୍କୃତିର ଇତିହାସ ଅଧ୍ୟୟନ କଲେ ଆମେ ଦେଖୁ, ଏହା ମାନବ ଜାତିର କ୍ରମ ବର୍ଦ୍ଧିଷ୍ଣୁ ଏକ ପରିପୂର୍ଣ୍ଣତାର ଇତିହାସ ।

ମନୁଷ୍ୟ ହିସାବରେ ମନୁଷ୍ୟର ଅସଲ ପରିଚୟ ତାର ସଂସ୍କୃତି । ଏଇ କୃତି ବା କର୍ମ ବଳରେ ହିଁ ମନୁଷ୍ୟ ମନୁଷ୍ୟ ହୋଇଛି, ପ୍ରକୃତିର ନିୟମ ସେ ବୁଝିଛି ଏବଂ ପ୍ରତିକୂଳତାକୁ

ଏହିକ୍ରମେ କରି ସେ ଅଗ୍ରସର ହୋଇଛି । ମନୁଷ୍ୟର ସଭ୍ୟତା ବା ସଂସ୍କୃତିର ମୂଳ ପ୍ରେରଣା ହେଉଛି ପ୍ରକୃତିର ଦାସତ୍ୱ ନିକଟରୁ ମୁକ୍ତ ହେବା, ଅର୍ଥାତ ଜୀବିକା ଆୟତ୍ତ କରିବା ଓ ତାକୁ ସହଜସାଧ୍ୟ କରିବା । ମଣିଷ ନିଜ ପ୍ରୟାସ ପ୍ରଯତ୍ନ ଫଳରେ ଏଇ ଜୀବିକା କ୍ରମେ ଆୟତ୍ତ କରିଛି ଏବଂ ଏଇ ପ୍ରୟାସର ଅନ୍ୟ ନାମ ହେଉଛି ପରିଶ୍ରମ । ଏଇ ପରିଶ୍ରମ ଦ୍ୱାରା ମନୁଷ୍ୟ ଅନ୍ୟ ଜୀବମାନଙ୍କ ଅପେକ୍ଷା ଉନ୍ନତ ହୋଇଛି, ପ୍ରକୃତୀ ଉପରେ ଜୟ କରିଛି ଓ ପରିଣାମରେ ସଭ୍ୟତା ବା ସଂସ୍କୃତିର ଗୋଟିଏ ଗୋଟିଏ ଉପାଦାନ ସେ ସୃଷ୍ଟି କରିଛି । ସଂସ୍କୃତିର ମୂଳ କଥା ତେଣୁ ଜୀବିକା–ପ୍ରୟାସ, ଶ୍ରମ–ଶକ୍ତି ଏବଂ ସଂସ୍କୃତିର ସାମଗ୍ରିକ ଅର୍ଥ ମାନବ–ପ୍ରକୃତିର ଏଇ ସ୍ୱାତନ୍ତ୍ର୍ୟ–ସାଧନା । ନିଜର ଜୀବନଯାତ୍ରା ଓ ପ୍ରାଣ ଧାରଣକୁ ସହଜ କରିବା ପାଇଁ ମନୁଷ୍ୟର ତେଣୁ ବିପୁଳ ପ୍ରୟାସ, ଅସରନ୍ତି ପରିଶ୍ରମ ଏବଂ ପ୍ରକୃତି ସହିତ ତାହାର ଅଶେଷ ଓ ଅନବରତ ସଂଗ୍ରାମ । ଏହି ସଂଗ୍ରାମରେ ସେ ଯେତିକି ଜୟୀ ହେଉଛି, ଜୀବିକାର ତାଡ଼ନା ଓ ଜୀବନର ଚାହିଦ ସେତିକି ସେ ପୂରଣ କରି ପାରିଛି ଏବଂ ତାହାର ସଭ୍ୟତା ଓ ସଂସ୍କୃତିରେ କେବଳ ସେତିକିର ହିଁ ନିଦର୍ଶନ ମଧ୍ୟ ରହିଛି । ତେଣୁ ଏଇ ସଭ୍ୟତା ବା ସଂସ୍କୃତି ତା'ର ସେଇ ଚିର–ସଂଗ୍ରାମର ଜୟ ଚିହ୍ନ ଏବଂ ତାର ବିଜୟାସ୍ତ୍ର ମଧ୍ୟ । ପ୍ରକୃତି ସହିତ ସଂଗ୍ରାମ ଅର୍ଥାତ ଜୀବନ-ସଂଗ୍ରାମର ଏଇ ବିଭିନ୍ନ ସ୍ତରରେ, ବିଭିନ୍ନ ପର୍ଯ୍ୟାୟରେ ମନୁଷ୍ୟର ଏଇ ସ୍ୱାକ୍ଷର ମଧ୍ୟ ବିଭିନ୍ନ ସ୍ତର, ବିଭିନ୍ନ ପର୍ଯ୍ୟାୟ ଦେଖା ଦେଇଛି ; ଜୟ ଚିହ୍ନ ମଧ୍ୟ ହୋଇଛି; ବିଚିତ୍ରତର ।

ମୂଳରେ ଆମେ ଦେଖୁଛୁଁ, ସଂସ୍କୃତିକୁ ଏପରି ଭାବରେ ଦେଖିବାକୁ ଆମେ ଚାହୁଁନା । ସଂସ୍କୃତି କହିଲେ ଆମେ ବୁଝୁଁ, କାବ୍ୟ, ସଙ୍ଗୀତ, ଶିଳ୍ପ, ଦର୍ଶନ, ଆଚାର, ବିଚାର, ଓ ଖୁବ୍ ବେଶୀ ବିଜ୍ଞାନ ପର୍ଯ୍ୟନ୍ତ । କେତେବେଳେ ପୁଣି ଆମେ ଭାବୁ, ସଂସ୍କୃତି ଦେଶଗତ ଓ କାଳଗତ । ଯେପରି କେତେବେଳେ ଆମେ କହୁଁ, ଭାରତୀୟ ସଂସ୍କୃତି, ଗ୍ରୀକ୍ ସଭ୍ୟତା, ଚୀନ ସଭ୍ୟତା, ପାଶ୍ଚାତ୍ୟ ସଂସ୍କୃତି ବା ଅଧିକ ଖଣ୍ଡ ଖଣ୍ଡ କରି କହୁଁ ଉତ୍କଳୀୟ ସଂସ୍କୃତି ବା ଗାଙ୍ଗେୟ ସଭ୍ୟତା ଇତ୍ୟାଦି । ଅଥବା ଧର୍ମ ଓ ଜାତିଗତ ସୂତ୍ର ଧରି କହୁଁ, ହିନ୍ଦୁ ସଂସ୍କୃତି, ବ୍ରାହ୍ମଣ୍ୟ ସଭ୍ୟତା ବା ମୁସ୍ଲିମ୍ ସଭ୍ୟତା । ପୁଣି କେତେବେଳେ କାଳର ହିସାବ ଦୃଷ୍ଟିରୁ ପ୍ରାଚୀନ ସଭ୍ୟତା, ମଧ୍ୟ ଯୁଗର ସଭ୍ୟତା ବା ଆଧୁନିକ ସଭ୍ୟତା ବୋଲି ମଧ୍ୟ ଆଖ୍ୟା ଦେଇଥାଉ । ଏଇ ସବୁ ହିସାବ ଏକାବେଳେକେ ଅବଶ୍ୟ ମିଥ୍ୟା ନୁହେଁ ; ସବୁ ସମୟରେ ଏଗୁଡ଼ିକ ପରସ୍ପର ବିରୋଧୀ ମଧ୍ୟ ନୁହନ୍ତି– ତଥାପି ଏପରି ହିସାବ ଯୁକ୍ତିସଙ୍ଗତ ମଧ୍ୟ ନୁହେଁ । ଯେପରି ଭାରତୀୟ ସଭ୍ୟତା କହିଲେ ତା' ଭିତରେ ହିନ୍ଦୁ ସଭ୍ୟତା ଆସେ, ପୁଣି ସେଥିରେ ପ୍ରାଚୀନ ସଭ୍ୟତାକୁ ମଧ୍ୟ ବୁଝାଇ ପାରେ ବା ମଧ୍ୟ ଯୁଗର ସଭ୍ୟତାକୁ ମଧ୍ୟ ବୁଝାଇ ପାରେ । ଏଇସବୁ ନାମ ଦ୍ୱାରା ବଭିନ୍ନ ସଂସ୍କୃତିର ପ୍ରାଣଧର୍ମ ବା ପ୍ରକୃତି ସ୍ପଷ୍ଟ ରୂପେ ଜଣା ଯାଏନା । ତଥାପି ଏହିପରି ନାମ ଦେବାରେ ସୁବିଧା ମଧ୍ୟ ରହିଛି; ଜନମନ ତାକୁ ସହଜରେ ଗ୍ରହଣ କରିବାରେ ସମର୍ଥ ହୁଏ ।

ସେମାନଙ୍କ ମନର 'ଯୌଥ ଅହମିକା' (ଗ୍ରୁପ-ଫାଇଡ୍) ଏଥିରେ ତୃପ୍ତି ଲାଭ କରିଥାଏ । କିନ୍ତୁ ଯା' ଫଳରେ ଆମେ ସଂସ୍କୃତିର ବ୍ୟାପକ ଅର୍ଥ ଓ ତା'ର ବୈଶିଷ୍ଟ୍ୟ ଭୁଲିଯାଉଁ । ସଂସ୍କୃତିର ବୈଶିଷ୍ଟ୍ୟ ମଧ୍ୟ ନିଜର ଅଭିରୁଚି ଅନୁଯାୟୀ ଅନେକେ ନିର୍ଣ୍ଣୟ କରିଥାନ୍ତି । କେହି ସଂସ୍କୃତିକୁ ନାମ-ଦିଅନ୍ତି 'ଆଧ୍ୟାତ୍ମିକ', କେହି ତାକୁ ନାମ ଦିଅନ୍ତି 'ଜଡ଼ବାଦୀ' । ଏପରି ବଭାଗ ମଧ୍ୟରେ ଗୋଷ୍ଠୀର ବା ଧର୍ମର ଗୁଣାଗୁଣ ଅନେକତା ରହିଛି ; କିନ୍ତୁ ସେ ବୈଶିଷ୍ଟ୍ୟ ପ୍ରାୟ ଆପେକ୍ଷିକ, କାହାରି ଏକଚଟିଆ ବା ନିଜସ୍ୱ ନୁହେଁ । ସେ ବୈଶିଷ୍ଟ୍ୟ ମଧ୍ୟ ନାନାପ୍ରକାର ଘାତ-ପ୍ରତିଘାତରେ ପରିବର୍ତ୍ତିତ ହୁଏ । ତାହାଛଡ଼ା ସଂସ୍କୃତିର ମୂଳ ବିଚାରରେ, ରୂପ ନିର୍ଣ୍ଣୟରେ ବା ବୈଶିଷ୍ଟ୍ୟ-ବିଶ୍ଳେଷଣରେ ଏପରି ବିଭାଗୀକରଣ ଅତି ଗୌଣ । ତେଣୁ ବୈଜ୍ଞାନିକ ଦୃଷ୍ଟିରେ ସଂସ୍କୃତିର ବିଚାର କଲେ ଜଣାଯାଏ, ସଂସ୍କୃତିର ଅର୍ଥ ହେଉଛି ମନୁଷ୍ୟର ଜୀବନ-ସଂଗ୍ରାମର ବା ପ୍ରକୃତି ଓ ପ୍ରବୃତ୍ତି ଉପରେ ଅଧିକାର ବିସ୍ତାରର ସାମଗ୍ରିକ ପ୍ରଚେଷ୍ଟା ଏବଂ ସଂସ୍କୃତିର ମୂଳଭିତ୍ତି ମଧ୍ୟ ଅତ୍ୟନ୍ତ ବାସ୍ତବ- ଅର୍ଥାତ୍ ଜୀବିକା ପ୍ରୟାସକୁ ସହଜାୟତ୍ତ କରିବା । ତେଣୁ କଥାଟା ମଧ୍ୟ ପରିଷ୍କାର; ଜୀବିକା ପ୍ରୟାସ ଦ୍ୱାରା ମନୁଷ୍ୟ ଯେପରି ଅଗ୍ରସର ହୁଏ, ସଂସ୍କୃତିର ମଧ୍ୟ ସେହିପରି ପରିବର୍ତ୍ତନ ଘଟେ, ପରିବର୍ତ୍ତନ ହୁଏ ଅର୍ଥାତ୍ ତାହା ପରିବର୍ତ୍ତନଶୀଳ । ତୈତ୍ତିରୀୟ ଉପନିଷଦରେ ଆତ୍ମାର ଯେଉଁ ପାଞ୍ଚୋଟି ସ୍ତର ବା ବିଭିନ୍ନ କୋଷର ପରିକଳ୍ପନା କରାଯାଇଛି (ଯଥା-ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ବା ନିଶ୍ଚୟାତ୍ମିକା ବୁଦ୍ଧି ସ୍ୱରୂପ ଓ ଆନନ୍ଦମୟ) ତନ୍ମଧ୍ୟରେ ମନୁଷ୍ୟର ଜୀବନ-ସଂଗ୍ରାମର ତଥା ସଂସ୍କୃତି-ସୌଧନିର୍ମାଣର ଆଦ୍ୟସ୍ତରଟି ଅନ୍ନମୟ କୋଷ ବା ଜୀବିକା ପ୍ରୟାସ ଓ ଅନ୍ନ ସଂସ୍ଥାନ ସହିତ ସଂଶ୍ଳିଷ୍ଟ । ଭାଗବତକାରଙ୍କ ବାଣୀ– 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି ।' ଏଠାରେ ସ୍ୱତଃ ସ୍ମରଣୀୟ । ଜଣେ ବୁଭୁକ୍ଷୁ ବ୍ୟକ୍ତି ବା ଗୋଟିଏ ବୁଭୁକ୍ଷୁଜାତି ଓ ଦେଶ ନିକଟରୁ ସାଂସ୍କୃତିକ ଚେତନା ବା ଉଦ୍ଦ୍ୟୋଗ ଭାବନା ଆଶା କରିବା ବିଡ଼ମ୍ବନା ମାତ୍ର । ତେଣୁ ଜୀବିକାର ପ୍ରୟୋଜନରେ ମନୁଷ୍ୟର ଆର୍ଥିକ ଜୀବନ ଯେପରି ପରିବର୍ତ୍ତିତ ହୁଏ, ପରିପୁଷ୍ଟ ହୁଏ, ସେହିପରି ତା'ର ପ୍ରବୃତ୍ତି ମଧ୍ୟ ବିକଶିତ ହୁଏ । ବିଚିତ୍ର ନୂତନଭଙ୍ଗୀ ଓ ନୂତନ ଶକ୍ତିରେ ପ୍ରକାଶିତ ହୁଏ । ଏଇ ପରିବର୍ତ୍ତନ ଆମର ଜ୍ଞାତସାରରେ ବା ଅଜ୍ଞାତ ସାରରେ ପ୍ରତିଦିନ ଘଟୁଛି । ମାତ୍ର ଜୀବନଯାତ୍ରାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ମନୁଷ୍ୟ ଯେପରି ନିତ୍ୟ ଉତ୍ତୀର୍ଣ୍ଣ ହୁଏନା, ସେହିପରି ବିରାଟ ଭଙ୍ଗାଗଢ଼ା ବା ବିପୁଳ ବିପ୍ଳବ ପ୍ରତିଦିନ କେବେ ସଂଘଟିତ ହୁଏନା–ତାହା କେବଳ ଘଟିଥାଏ ଗୋଟିଏ ଗୋଟିଏ ଯୁଗରେ । ସେଇ ଯୁଗାନ୍ତର ଦ୍ୱାରା ସମାଜର ଦେହାନ୍ତର ହୁଏ ଏବଂ ସଂସ୍କୃତିର ମଧ୍ୟ ଘଟେ ରୂପାନ୍ତର । ସେଥିରେ ମାନବ ପ୍ରକୃତି ନିଜର ବିକାଶ ପଥରେ ଆଉ ଏକ ପଦ ଅଗ୍ରସର ହୋଇଯିଲେ ଏବଂ ବିଶ୍ୱ ପ୍ରକୃତି ମନୁଷ୍ୟର ବିଜୟ ସ୍ୱୀକାର କରି ତା'ନିକଟରେ ଆଉ ଟିକିଏ ନତି ସ୍ୱୀକାର କରେ । ଏଇପରି ଭାବରେ ଗୋଟିଏ ଯୁଗରୁ ଆଉ

ଗୋଟିଏ ଯୁଗକୁ ମଥାରେ ବିଜୟର ଟିକକ ଧାରଣକରି ମନୁଷ୍ୟ ପ୍ରଗତିପଥରେ ଚିର ଅଗ୍ରସର ଓ ଗତିଶୀଳ ।

କିନ୍ତୁ ତା'ବୋଲି ସଂସ୍କୃତି କହିଲେ ଯେ ଘରବାଡ଼ି, ରାସ୍ତାଘାଟ, ଧନଦୌଲତ ବା ଯାନବାହାନ କେବଳ ବୁଝାଏ, ତା'ନୁହେଁ । କେବଳ ମାତ୍ର ଯେ ରୀତିନୀତି, ଆଚାର-ଅନୁଷ୍ଠାନକୁ ବୁଝାଏ, ତା'ମଧ୍ୟ ନୁହେଁ । ସଂସ୍କୃତି କହିଲେ ମନୁଷ୍ୟର ମାନସ-ସଂପଦ,ତା'ର ଚିନ୍ତା, କଳ୍ପନା, ଦର୍ଶନ, ଧ୍ୟାନ,ଧାରଣା ଓ ବିଜ୍ଞାନକୁ ମଧ୍ୟ ବୁଝାଏ । ମୋଟ ଉପରେ ବାସ୍ତବ ଓ ମାନସିକ ସମସ୍ତ କୃତି ବା ସୃଷ୍ଟିକୁ ନେଇ ସଂସ୍କୃତି । ସେଥିପାଇଁ ବୈଜ୍ଞାନିକ ମତରେ ସଂସ୍କୃତିର ତିନି ଅବୟବ ବା ତିନି ପ୍ରକାର ର ଅବଲମ୍ବନ ରହିଛି । ପ୍ରଥମତଃ ଏହାର ମୂଳ ଭିତ୍ତି ସେଇ ଜୀବନ-ସଂଗ୍ରାମର ବାସ୍ତବ ଉପକରଣସମୂହ; ଦ୍ୱିତୀୟତଃ ସଂସ୍କୃତିର ପ୍ରଧାନ ଆଶ୍ରୟ ସମାଜଯାତ୍ରାର ବାସ୍ତବ ଅବସ୍ଥା (ସୋସିଆଲ ଷ୍ଟ୍ରକଚର) ; ତୃତୀୟତଃ ସଂସ୍କୃତିର ଶେଷ ପରିଚୟ ହେଉଛି ତାହାର ମାନସ-ସଂପଦ । ଏଇ ହିସାବରେ ଏହା ସମାଜ-ସୌଧର ଶିଖର ଚୂଡ଼ା ବା ସୁପର ଷ୍ଟ୍ରକ୍‌ଚର । ତେଣୁ ସାଧାରଣ ଭାବରେ ଆମେ ଯେପରି ମନେକରୁ ସଂସ୍କୃତି ଜାତିଗତ, ଦେଶଗତ ବା ଧର୍ମ-ଗତ, ତାହା ଯେପରି ଅର୍ଦ୍ଧସତ୍ୟ, ପୁଣି ଯେପରି ମନେକରୁ ସଂସ୍କୃତି ଅର୍ଥ ସାହିତ୍ୟ, କଳା ଦର୍ଶନ ବା ବିଜ୍ଞାନ, ତାହା ମଧ୍ୟ ସେହିପରି ଅର୍ଦ୍ଧ ସତ୍ୟ । ସଂସ୍କୃତି ସମାଜ-ଶରୀରର କେବଳ ଲାବଣ୍ୟ ଛଟା ନୁହେଁ; ଏହା ତାହାର ସମଗ୍ର ରୂପ । ଏଇ ତିନୋଟି ଅବୟବ ବା ଅବଲମ୍ବନରେ କ୍ରିୟା-ପ୍ରତିକ୍ରିୟା, ଘାତ-ପ୍ରତିଘାତ ଫଳରେ ପ୍ରତିଯୁଗର ସଂସ୍କୃତିର ସମଗ୍ର ରୂପ ଫୁଟି ଉଠିଛି । ଗୋଟିଏ ଉପମା ଦେଲେ ବୁଝାଯିବ, ସାହିତ୍ୟ, ଶିଳ୍ପ, ଦର୍ଶନ, ବିଜ୍ଞାନ ପ୍ରଭୃତି ମାନସିକ ସଂପଦ ଯେପରି ଗଛର ଫୁଲ ଫଳ ସମାଜ ଯେପରି ଗଛର କାଣ୍ଡ ଓ ତା'ର ଶାଖା ପ୍ରଶାଖା ଏବଂ ଜୀବିକାର ଉତ୍ପାଦନ ପ୍ରଥା ଯେପରି ସେହି ଗଛର ମୂଳ । ମୂଳ ସହିତ ଫୁଲର ସଂପର୍କ ଭୁଲିବାର ନୁହେଁ । ଫୁଲ ଯେ ମିଥ୍ୟା, ଏକଥା ମନେକଲେ ଯେପରି ଭୁଲ୍ ହେବ, ମୂଳ ଓ କାଣ୍ଡଠାରୁ ତାହାକୁ ଏକାବେଳେକେ ସଂପର୍କଶୂନ୍ୟ ମନେକରେ ମଧ୍ୟ ସେହିପରି ନିଶ୍ଚୟ ଭୁଲ୍‌ହେବ । ମୂଳ ଯେପରି ଫୁଲ ନୁହେ, ଫୁଲ ମଧ୍ୟ ସେହିପରି ଆକାଶରେ ଫୁଟେନା । ଆଉ ଗୋଟିଏ ଉପମା ମଧ୍ୟ ନିଆଯାଇପାରେ—ଉତ୍ପାଦନ ପ୍ରଥା ଯେପରି ଗୃହର ଭିତ୍ତି; ସମାଜ ବନ୍ଧନ ଯେପରି ତାହାର ନିମ୍ନତଳ ବା ପ୍ରାଙ୍ଗଣ ସ୍ଥାନ ଏବଂ ସାହିତ୍ୟ, ଶିଳ୍ପକଳା, ଦର୍ଶନ ଓ ବିଜ୍ଞାନ ପ୍ରଭୃତି ମାନସିକ ସୃଷ୍ଟି ଯେପରି ସେ ଗୃହର କାରୁକାର୍ଯ୍ୟ ଖଚିତ ସୌଧଚୂଡ଼ା । ଦୂରରୁ ଦେଖିଲେ ସୌଧଚୂଡ଼ାର ରୂପରେ ଆମେ ପ୍ରଥମେ ଆକୃଷ୍ଟ ହେଉ ; ତା'ପରେ ତା'ର ନିମ୍ନତଳକୁ ଆମର ଦୃଷ୍ଟି ଯାଇଥାଏ । କିନ୍ତୁ ଗୃହର ଭିତ୍ତି ବିଷୟ ସ୍ମରଣ ନ ରଖିଲେ ଭୁଲହେବ । କିନ୍ତୁ ଏଇ ପ୍ରତ୍ୟେକଟି ଅବୟବ ଭିତରେ ପରସ୍ପରର ସକ୍ରିୟ ସହଯୋଗ ରହିଛି ଏବଂ ସମସ୍ତ ଅବୟବ ମିଶି ଯେଉଁ ସମଗ୍ର ରୂପ ଫୁଟି ଉଠେ, ତାହାହିଁ ସଂସ୍କୃତି;

ଫୁଲଫଳଭରା ବୃକ୍ଷ ବା ନାନାକଳ୍ପ-ସମନ୍ୱିତ ପ୍ରାସାଦ । ଯେତେବେଳେ ସଂସ୍କୃତିର ଏଇ ବିଭିନ୍ନ ସ୍ତର ବା ଅଙ୍ଗମାନଙ୍କ ମଧ୍ୟରେ ସାନୁପାତ ସୁଷମ ସମନ୍ୱୟର ଅଭାବ ପରିଲକ୍ଷିତ ହୁଏ, ଏକ ଅଙ୍ଗ ଅନ୍ୟ ଅଙ୍ଗ ପ୍ରତି ବୈର ବା ବିଦ୍ରୂପ ଭାବ ପ୍ରଦର୍ଶନ କରେ, ସେତେବେଳେ ସଂସ୍କୃତିର ଅଗ୍ରଗତି ହେବାତ ସ୍ୱାଭାବିକ, ତା'ଛଡ଼ା ଜାତୀୟ ପ୍ରଗତି ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ଏଇ ଦେଶର ଋଷିକବି ଦିନେ ଉଦାର କଣ୍ଠରେ ପ୍ରଗତିର ମନ୍ତ୍ର ଉଚ୍ଚାରଣକରି କହିଥିଲେ-

'ଚରନ୍ ବୈ ମଧୁ ବିନ୍ଦତି ଚରନ୍ ସ୍ୱାଦୁମୁଦ୍ମ୍ବରମ୍
ସୂର୍ଯ୍ୟସ୍ୟ ପଶ୍ୟ ଶ୍ରେମାଣଂ ଯୋନ ତନ୍ଦ୍ରୟତେ
ଚରଂଶ୍ଚରୈବେତି

(ଐତରେୟ ବ୍ରାହ୍ମଣ)

ଅର୍ଥାତ୍ 'ଅଗ୍ରସର ବ୍ୟକ୍ତି ମଧୁପ୍ରାପ୍ତ ହୁଏ; ଅମୃତଫଳ ଲାଭକରେ । ସୂର୍ଯ୍ୟଙ୍କର ଶ୍ରେଷ୍ଠତ୍ୱ ଦେଖ—ଚାଲୁ ଚାଲୁ ସେ କେବେ ତନ୍ଦ୍ରା ଅନୁଭବ କରନ୍ତି ନାହିଁ । ତେଣୁ ଅଗ୍ରସର ହୁଅ, ଆଗେଇ ଚାଲ' । ତେଣୁ ପ୍ରଗତିର ମନ୍ତ୍ର ଶିକ୍ଷା କରିବା ପାଇଁ ଆମକୁ ଅନ୍ୟ ଦେଶର ପୋଥି ଘାଣ୍ଟିବାକୁ ପଡ଼ିବ ନାହିଁ—ଆଜି ଆବଶ୍ୟକ ହେଉଛି ଆମର ଆତ୍ମ ନିରୀକ୍ଷଣ ; ଆମର ଉଦ୍ୟମ, ଉତ୍‌ଥାନ ଓ ଆତ୍ମଶରଣ' (ବୁଦ୍ଧ-ଉପଦେଶ) ଅନ୍ୟଥା ଆମର ଜାତୀୟ ସଂସ୍କୃତି, ଜାତୀୟ ଐକ୍ୟ, ସ୍ୱରାଜ୍ୟ ଭାବନା ଓ ସ୍ୱାଧୀନତା ବ୍ୟାହତ ଓ ବିପନ୍ନ ହେବା ସ୍ୱାଭାବିକ । ବ୍ୟକ୍ତି ହେଉ, ଦେଶ ହେଉ ବା ଜାତି ହେଉ ଯେତେବେଳେ ସେ ସ୍ୱାଧୀନତାର ମର୍ଯ୍ୟାଦା ଉପଲବ୍ଧି କରିବାକୁ ଅକ୍ଷମ, ସ୍ୱାଧୀନତା ନାମରେ ସ୍ୱୈରାଚାରର ସ୍ତାବକ ସାଜେ, ପ୍ରଗତି ଓ ସଂସ୍କୃତି ନାମରେ ଭ୍ରଷ୍ଟାଚାର ଓ ଅପସଂସ୍କୃତିର ଉପାସନାକରେ, ସେତେବେଳେ ଆଜି ହେଉ ବା କାଲିହେଉ, ତା'ର ପତନ, ଅଧୋଗତି ଓ ପରାଧୀନତା ପୁଣି ସୁନିଶ୍ଚିତ ବୋଲି ଜଣାଯାଏ । କବିଗୁରୁ ଗ୍ୟେଟେ ଯଥାର୍ଥରେ କହିଛନ୍ତି—
He only earns this freedom and existence who daily conquers them a new—
'ସେଇ କେବଳ ନିଜର ସ୍ୱାଧୀନତା ଓ ଅସ୍ତିତ୍ୱ ବଜାୟ ରଖିବାକୁ ସମର୍ଥ, ଯେ ପ୍ରତ୍ୟହ ସେମାନଙ୍କୁ ନିତ୍ୟ ନୂତନ ରୂପରେ ଜୟ କରିବାକୁ ଯୋଗ୍ୟ । ସେଥିପାଇଁ ହୁଏତ କୁହାଯାଉଛି—
'Eternal vigilance is the price of liberty'
'ଚିରନ୍ତନ ଜାଗ୍ରତିହିଁ କେବଳ ସ୍ୱାଧୀନତାର ଶୁଳ୍କ' ଅଟେ ଅପସଂସ୍କୃତିର ବନ୍ୟା ଯେପରି କ୍ଷିପ୍ରଗତିରେ ପ୍ରବହମାନ, ତାକୁ ଠିକ୍ ସମୟରେ ଯଦି ପ୍ରତିରୋଧ ଓ ପ୍ରତିହତ କରା ନ ଯାଏ, ପ୍ରତ୍ୟେକେ ନିଜ ନିଜ କ୍ଷେତ୍ରରେ ଯଦି ଜାଗ୍ରତ, ପ୍ରବୁଦ୍ଧ ଓ ସକ୍ରିୟ ନ ହୁଅନ୍ତି, ତେବେ ପରଂପରା—ପରିପୁଷ୍ଟ ଏକ ସ୍ୱାଧୀନ ଓ ସଂସ୍କୃତିବନ୍ତ ଜାତି ପତିତ ଓ ବିପଥଗାମୀ ହେବାରେ ବୈଚିତ୍ର୍ୟ କିଛି ନାହିଁ । କିଛି କାଳ ପରେ ଆମେ ନିଜେ ହୁଏତ ନିଜ ବିରୁଦ୍ଧରେ ସାକ୍ଷୀହୋଇ ଛିଡ଼ା ହୋଇଥିବା ଏବଂ ପ୍ରଗତିର ବାହ୍ୟ ଉପକରଣଗୁଡ଼ିକୁ ଦେଖି କେବଳ ତୃପ୍ତି ଲାଭ କରୁଥିବା ସିନା, ଆମ ସମାଜର ଅନ୍ତଃରୂପ, ତା'ର ସାଂସ୍କୃତିକ ଆତ୍ମା ସେତେବେଳକୁ ଅନ୍ତଃସାରଶୂନ୍ୟ ହୋଇସାରିଥିବ ।

( ୨୦ ପୃଷ୍ଠା ଦେଖନ୍ତୁ )





ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।



ବାରବାଟି ଷ୍ଟେଡ଼ିୟମରେ ସନ୍ତୋଷ ଟ୍ରଫି ପ୍ରତିଯୋଗିତା ।





[illegible] '' ରେ ମୁଖ୍ୟମନ୍ତ୍ରୀ ।

କଟକ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ।






ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ପର୍ଯ୍ୟଟନ ବସ୍ ଉଦ୍‌ଘାଟନ କରୁଛନ୍ତି ।



# ସମୟର ଆହ୍ୱାନ : ଅଧିକ ଉତ୍ପାଦନ

ଟେକନାମଣି ଲକ୍ଷ୍ମୀକାନ୍ତ

ରାଷ୍ଟ୍ର ଗଠନ ପଥରେ ଭାରତ ଭଳି ଏକ ବିକାଶୋନ୍ମୁଖୀ ଅର୍ଥନୀତିର ସବୁଠୁ ବଡ଼ ଶତ୍ରୁ ଯେ ଜନସଂଖ୍ୟା ବୃଦ୍ଧି ଓ ଆନୁପାତିକ ଉତ୍ପାଦନ ବୃଦ୍ଧିରେ ସ୍ୱଳ୍ପତା ଏହା ଅଜଣା ନଥିବା ବିଷୟ । ଏହା କେବଳ ପ୍ରଗତିକୁ ବିଘ୍ନିତ କରୁ ନାହିଁ, ଦାରିଦ୍ର୍ୟ ଓ ବୈଷମ୍ୟ ବୃଦ୍ଧିର କାରଣ ରୂପେ ମୁଣ୍ଡ ଟେକୁଛି । ଏହି ପରିପ୍ରେକ୍ଷୀରେ ଉତ୍ପାଦନ ବୃଦ୍ଧି ତଥା ଅର୍ଥନୈତିକ ବିକାଶ ପାଇଁ ଶିଳ୍ପ ଶୃଙ୍ଖଳା କିଭଳି ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସହଜରେ ଅନୁମେୟ ।

କହିବା ବାହୁଲ୍ୟ ଯେ ଅନୁଶାସନହିଁ ଅଧିକ ଉତ୍ପାଦନର ଆଧାର । କାରଣ ଅଶାନ୍ତି ବା ବିଶୃଙ୍ଖଳା ଉତ୍ପାଦନ ପ୍ରବାହର ଅନ୍ୟାନ୍ୟ ଅନ୍ତରାୟ ରୂପେ ସୁବିଦିତ । ଉତ୍ପାଦନର ଦୁଇ ସହୋଦ୍ୟମୀ ଅଂଶୀଦାର ରୂପେ ମାଲିକ ଓ ଶ୍ରମିକ ଶିବିରରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସନ୍ତୁମନ୍ତେ ବ୍ରତୀ ହେବା ସ୍ପୃହଣୀୟ । ଶିଳ୍ପ ଶୃଙ୍ଖଳା ଔଦ୍ୟୋଗିକ ଶାନ୍ତି ସ୍ୱତଃ ଅପ୍ରତିହତ ରହିବ ନିଶ୍ଚୟ । ତା' ଛଡ଼ା ଅଧିକ ଉତ୍ପାଦନ ବଢ଼ିଲେ ସବୁ ଖାଉଟିଙ୍କୁ ଆବଶ୍ୟକ ସମୟରେ ଅପେକ୍ଷାକୃତ ସୁଲଭ ମୂଲ୍ୟରେ ଜିନିଷପତ୍ର କିଣିବାକୁ ମିଳିବ । ଏହି ଲବ୍ଧ ଅର୍ଥରୁ ଶ୍ରମିକର ମଜୁରୀ ବୃଦ୍ଧି ହେତୁ ଜୀବନ ଧାରଣର ମାନବୃଦ୍ଧି କିଛିଟା ସମ୍ଭବ ହେବ ମଧ୍ୟ । ତା' ଛଡ଼ା ଆବଶ୍ୟକତାନୁଯାୟୀ ଉତ୍ପାଦିତ ଦ୍ରବ୍ୟ ବଜାରକୁ ଆସିଲେ ଦରଦାମ ବୃଦ୍ଧି ଓ ବାଜାରରେ ମୁଦ୍ରାସ୍ଫୀତି କିୟଦାଂଶରେ ଯେ, ନିୟନ୍ତ୍ରିତ ହେବ ଏଥିରେ ଦ୍ୱିମତ ନାହିଁ । ସର୍ବୋପରି ଶିଳ୍ପ ସଂପ୍ରସାରଣ ଓ ନୂଆ ଶିଳ୍ପ ସ୍ଥାପନ ଓ ନୂଆ ନିଯୁକ୍ତିର ଅବକାଶକୁ ଏହା ପରୋକ୍ଷରେ ସାହାଯ୍ୟ କରିବ ମଧ୍ୟ ।

ଏବେ କିଛିଟା ପ୍ରଗତି ଓ ଆତ୍ମସନ୍ତୋଷ ନେଇ ଥମିଯିବା ଏ କ୍ଷେତ୍ରରେ ଆତ୍ମଘାତୀର କାର୍ଯ୍ୟହେବ । ଉତ୍ପାଦନ ପ୍ରବାହ ଅପ୍ରତିହତ ରଖିବା ଓ ବୃଦ୍ଧି କରିବା ପାଇଁ ଆବଶ୍ୟକ ଅଧିକ ନିଷ୍ଠା, ସାହସ, ଓ ଅଧ୍ୟବସାୟ ସହ କର୍ମଯୋଗ । ଏହି ଉତ୍ପାଦନ ବୃଦ୍ଧିର ଦୁଇଟି ମୁଖ୍ୟ ପନ୍ଥା ହେଉଛି ଯଥା (୧) କମ ଲାଗାଣରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ପାଦିତ ଦ୍ରବ୍ୟର ସମାହାର ବୃଦ୍ଧି ନତୁବା (୨) ଆନୁପାତିକ ବିନିଯୋଗ (ଇନ୍‌ପୁଟ୍‌) ବୃଦ୍ଧି ମାଧ୍ୟମରେ ବର୍ଦ୍ଧିତ ହାରରେ ଉତ୍ପାଦନ ସ୍ତର । ଏହା ଫଳରେ ଉତ୍ପାଦନ ମୂଲ୍ୟର ସଂଚୟ ସମ୍ଭବ ହୁଏ । ଉଭୟ ପ୍ରଚେଷ୍ଟା ଓ ସୁସଂହତ ଯୋଜନା ବ୍ୟତିରେକେ ଉତ୍ପାଦନ ବୃଦ୍ଧି ସହଜ ଓ ସୁଲଭ ମଧ୍ୟ ନୁହେଁ ।

ଉତ୍ପାଦନ ବୃଦ୍ଧି ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଏଠାରେ ଉଲ୍ଲେଖ କରିବା ଉଚିତ ମଣୁଛି । ଯଥା :—(୧) କମ ଲାଗାଣରେ ଅଧିକରୁ ଅଧିକ ଉତ୍ପାଦନ ବୃଦ୍ଧି ପାଇଁ ମାନସିକ ପ୍ରସ୍ତୁତି, ଉତ୍ସାହ ସହୋଦ୍ୟମ ଓ ଶିଳ୍ପ ସୌହାର୍ଦ୍ଦ୍ୟକୁ ପ୍ରଥମେ ଉଦ୍‌ବୋଧିତ କରିବା ଲୋଡ଼ା ।

(୨) ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷଙ୍କର ବୁଝାମଣାନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ନିରୂପିତ ଲକ୍ଷ୍ୟ ହାସଲ କରିବାରେ ଶ୍ରମିକ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିବା ବିଧେୟ ।

(୩) ଶିଳ୍ପ ପ୍ରତିଷ୍ଠାନରେ ଠିକ୍ ସମୟରେ ଶ୍ରମିକ କାମ ପାଇଁ ପହଞ୍ଚିବା ଉଚିତ ।

(୪) ଯାନ୍ତ୍ରିକ ତଥା ଲୋକ ଶକ୍ତିର ଅନୁକୂଳତମ ବିନିଯୋଗ ଏବଂ ଅପଚୟ ଅପସାରଣ ସମେତ ଉତ୍ପାଦନ ଉତ୍ପାଦିକା ଶକ୍ତି ତଥା କାର୍ଯ୍ୟଦକ୍ଷତାରେ ଉନ୍ନତି ବିଧାନ ଦିଗରେ ପ୍ରୟାସୀ ହେବା ସ୍ପୃହଣୀୟ ।

(୫) ଠିକ୍ ଭାବେ କାମ କରିବା ଯାହାଫଳରେ ଉତ୍ପାଦନ ଓ ଉତ୍ପାଦିକାର ସଫଳ ସମନ୍ୱୟ ସମ୍ଭବ ଓ ସୁଲଭ ହେବ ।

(୬) କମ ଉତ୍ପାଦନ ହେଉଥିବା ଅଞ୍ଚଳମାନଙ୍କୁ ଚିହ୍ନଟ କରିବା ଓ ତା'ର ଅପସାରଣ ଦିଗରେ ଶ୍ରମିକ, ପରିଚାଳନା କର୍ତ୍ତୃପକ୍ଷଙ୍କୁ ବିଶ୍ୱସ୍ତତାର ସହ ସାହାଯ୍ୟ କରିବା ବାଞ୍ଛନୀୟ ।

(୭) ଶ୍ରମିକ ଅନୁପସ୍ଥିତି ଅବସାନ ପାଇଁ ଶ୍ରମିକ ପ୍ରଚେଷ୍ଟିତ ହେବା ଆବଶ୍ୟକ ।

(୮) ଶିଳ୍ପାୟତନରେ ସାଧାରଣ ଶୃଙ୍ଖଳା ରକ୍ଷା କରିବା ଏବଂ ମନ୍ଥର ଗତିରେ କାମ କରିବା, ଧର୍ମଘଟ, ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ, ଅପଚୟର ଆଦିରୁ ଶ୍ରମିକ ଯଥାସାଧ୍ୟ ନିବୃତ୍ତ ହେବା ଉଚିତ ।

(୯) ଦାୟିତ୍ୱବାନ ନାଗରିକରୂପେ ଗୋଷ୍ଠୀସ୍ୱାର୍ଥ ଓ ଲୋକହିତକାରୀ ଶିଳ୍ପର ସ୍ଥିତିପ୍ରତି ସଚେତନ ରହି ଶ୍ରମିକ ଶାନ୍ତିପୂର୍ଣ୍ଣ ପନ୍ଥାରେ ସକଳ ସମସ୍ୟା ଓ ମତାନୈକ୍ୟ ସମାଧାନରେ ସଚେଷ୍ଟ ହେବା ସର୍ବାଦୌ ବାଞ୍ଛନୀୟ ।

(୧୦) ଶ୍ରମିକ କଳିଆ ମନୋଭାବ ପରିହାରପୂର୍ବକ ଦ୍ୱନ୍ଦ୍ୱ ଓ ମତାନୈକ୍ୟର ନିଷ୍ପତ୍ତି ଆପୋଷ ଆଲୋଚନା ଭିତରେ ଏବଂ ଆଇନାନୁମୋଦିତ ଗଣତାନ୍ତ୍ରିକ କଳ ସାହାଯ୍ୟରେ ସମାଧାନ କରିବା ପାଇଁ ସତତ ପ୍ରୟାସୀ ହେବା ଉଚିତ ।

(୧୧) ଶିଳ୍ପ ପ୍ରତିଷ୍ଠାନରେ ଗୋଟିଏ ନିର୍ଘଣ୍ଟ ଶ୍ରମ ଦିବସକୁ ନଷ୍ଟ ହେବାକୁ ନ ଦେବାପାଇଁ ଶ୍ରମିକ ସଂକଳ୍ପବଦ୍ଧ ହେବା ସ୍ପୃହଣୀୟ ।

(୧୨) ନିଜ ନିଜ ମଧ୍ୟରେ ଉଭୟ ଦାୟିତ୍ୱଭାବ ଓ କର୍ତ୍ତବ୍ୟ ପରାୟଣତା ଶ୍ରମିକ ଉଦ୍‌ଜୀବିତ କରି ରଖିବାପାଇଁ ପ୍ରୟାସୀ ହେବା ସମୁଚିତ ।

(୧୩) କର୍ତ୍ତବ୍ୟ ସଂପାଦନରେ ଶ୍ରମିକ ଅନୁରାଗୀ ଓ ଯତ୍ନବାନ ହେବା ସଙ୍ଗେ ସଙ୍ଗେ ଏକ ଗଣତାନ୍ତ୍ରିକ ସମାଜରେ ସଦସ୍ୟରୂପେ

ଅଭିଜନ ବା ସଂସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ବିଧେୟ । ଶିଳ୍ପ ଓ ଖାଉଟିଙ୍କର ସ୍ୱାର୍ଥ ସଂରକ୍ଷଣରେ ସାଧୁତା ଓ ନୈତିକତାର ସହ ବ୍ରତୀ ହେବା ବିଧେୟ ।

ଏଠାରେ ଭୁଲିଯିବା ଅନୁଚିତ ଯେ ଉତ୍ପାଦନ ବୃଦ୍ଧି ଅର୍ଥ କେବଳ ଦୈହିକ ଶ୍ରମ ଓ ନିଷ୍କାସନ (ଏକ୍ସଟ୍ରାକ୍ସନ) ନୁହେଁ ନତୁବା ପୁଞ୍ଜିର ମୁନାଫାଖୋର ପ୍ରବୃତ୍ତିର ଚରିତାର୍ଥପାଇଁ କୌଶଳପ୍ରଦ ସହଜ ଉପାୟ ମଧ୍ୟ ନୁହେଁ ।

(୧) ଉତ୍ପାଦନ ବୃଦ୍ଧି କାର୍ଯ୍ୟକ୍ରମର ବହୁ ପୂର୍ବରୁ ପରିଚାଳନା କର୍ତ୍ତୃପକ୍ଷ ବିସ୍ତୃତ ଆଲୋଚନା ମାଧ୍ୟମରେ ଶ୍ରମିକଙ୍କ ଦୃଷ୍ଟିଭଙ୍ଗୀର ସମୀକ୍ଷା କରିବା ସ୍ପୃହଣୀୟ ।

(୨) ପରିଚାଳନା କର୍ତ୍ତୃପକ୍ଷ ଅଧିକ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମରେ ଶ୍ରମିକର ସମର୍ଥନ, ସ୍ୱେଚ୍ଛାକୃତ ସହୋଦ୍ୟମ, କାର୍ଯ୍ୟ ପଦ୍ଧତିରେ ସ୍ୱୀକୃତ ପରିବର୍ତ୍ତନ, କାର୍ଯ୍ୟ ପରିତୃପ୍ତି ଆଦି ବିବିଧ ଦିଗ ସୁସ୍ପଷ୍ଟରୂପେ ବିଶ୍ଳେଷଣ କରାଇ ଏ ଦିଗରେ ଆଗେଇବା ଉଚିତ ।

(୩) ଏଥିପାଇଁ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତି, ପ୍ରଗତି ଏବଂ ଉତ୍ପାଦନର ଲକ୍ଷ୍ୟ ହାସଲ, ସମୁଚିତ ଶିଳ୍ପ ସଂସ୍ଥାନା, ଅମୀମାଂସିତ ପ୍ରସଙ୍ଗର ସମାଧାନ, ଶ୍ରମିକମାନଙ୍କର କାର୍ଯ୍ୟ କୌଶଳରେ ବିକାଶ, ଶ୍ରମ କଲ୍ୟାଣାଦି ଦିଗରେ ପରିଚାଳନା କର୍ତ୍ତୃପକ୍ଷ ସଚେତନ ଓ ସଚେଷ୍ଟ ହେବା ବିଧେୟ ।

(୪) ଅଧିକ ଉତ୍ପାଦନ ଜନିତ ଲାଭାଂଶରୁ ଶ୍ରମିକକୁ ପ୍ରୋତ୍ସାହନ ନିମିତ୍ତ ଆର୍ଥିକ ପାରିତୋଷିକ ପ୍ରଦାନରେ ପରିଚାଳନା କର୍ତ୍ତୃପକ୍ଷ କୃପଣ ହେବା ଅନୁଚିତ ।

(୫) ଶ୍ରମିକମାନଙ୍କର ସ୍ୱାଧୀନତାରେ ଅବାଞ୍ଛିତ ହସ୍ତକ୍ଷେ ବା ଅସାଧୁ ଶ୍ରମାଭ୍ୟାସରୁ ପରିଚାଳନା କର୍ତ୍ତୃପକ୍ଷ ବିରତ ରହି ସଙ୍ଗେ ସଙ୍ଗେ ଅଭିଯୋଗର ସମାଧାନ, ଚୁକ୍ତିନାମା ଓ ସ୍ଥାୟୀ ସିଦ୍ଧାନ୍ତର ଆଶୁ କାର୍ଯ୍ୟକାରିତା ତଥା ଶ୍ରମିକର ମାନବୀୟ ମର୍ଯ୍ୟାଦା କଲ୍ୟାଣ ପ୍ରତି ସଚେତନ ରହି ଉତ୍ପାଦନ ପ୍ରଣାଳୀରେ ଏକ ସହଯୋଗୀ ଓ ଅନ୍ତରଙ୍ଗ ଅଂଶୀଦାର ରୂପେ ଶ୍ରମିକର ସହଯୋଗ, ସାହଚର୍ଯ୍ୟ ଓ ସାହାଯ୍ୟ ନେବାରେ ପରିଚାଳନା କର୍ତ୍ତୃପକ୍ଷ ... ହେବା ସର୍ବାଦୌ ଉଚିତ ।

ପରିଶେଷରେ କହିବା ନିରର୍ଥକ ଯେ ଅର୍ଥନୈତିକ ପୁନରୁତ୍ଥାନ ଦିଗରେ ଶିଳ୍ପର ଦୁଇ ଅଂଶୀଦାର ରୂପେ ଶ୍ରମିକ ଓ ମାଲିକଙ୍କର ଉତ୍ପାଦନ ବୃଦ୍ଧି ପାଇଁ ଏକ ଗୁରୁଦାୟିତ୍ୱ ରହିଛି । ପରସ୍ପର ନାଲିସ ଓ ଅଭିଯୋଗ ପରିବର୍ତ୍ତେ ସାଲିସ ଓ ମିଳାମିଶା ମାଧ୍ୟମରେ ଶିଳ୍ପ ସୌହାର୍ଦ୍ଦ୍ୟକୁ ଉଜ୍ଜୀବିତ କରିରଖିବା ସର୍ବାଦୌ ବାଞ୍ଛନୀୟ, ଯେଣୁ ଶିଳ୍ପ ଶାନ୍ତି ଓ ସୌହାର୍ଦ୍ଦ୍ୟ ବିନା ଉତ୍ପାଦନ ପ୍ରବାହ ଓ ହାରବୃଦ୍ଧି ଏକ ପ୍ରଶ୍ନ ବ୍ୟାପାର । ଏଠାରେ ଭୁଲିଯିବା ଅନୁଚିତ ଯେ ଦେଶ ଏକ କଷ୍ଟକର ଦଶନ୍ଧି ମଧ୍ୟରେ ଗତିକରୁଛି ଏବଂ ସୁଶୃଙ୍ଖଳ ଉନ୍ନୟନ ତଥା ଉତ୍ପାଦନ ବୃଦ୍ଧିର ଆହ୍ୱାନକୁ ମୁକାବିଲା ପାଇଁ ଆମକୁ ସମଗ୍ର ପୃଥିବୀର ପରିବର୍ତ୍ତନ ବେଗ ସହିତ ପାଦ ମିଳାଇ ଚାଲିବାକୁ ପଡ଼ିବ । ଯଦିଓ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ଓ ଅଧିକତର ଆତ୍ମନିର୍ଭରଶୀଳତା ଦିଗରେ ଦୃଢ଼ ଭିତ୍ତି ସ୍ଥାପିତ ହୋଇଛି, ତଥାପି ପୂର୍ଣ୍ଣ ଆତ୍ମନିର୍ଭରଶୀଳତା ହାସଲ ପାଇଁ ଅଧିକ ଉତ୍ପାଦନ ଆମର କାମ୍ୟ । ଭାରତୀୟ ଅର୍ଥନୀତିକୁ ବର୍ତ୍ତମାନର ମାନ୍ଦା ଅବସ୍ଥାରୁ ଏଣୁ ମୁକ୍ତି କରାଇବା ପାଇଁ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ବର୍ତ୍ତମାନ ଏକାନ୍ତ ଆବଶ୍ୟକ । ଏହାହିଁ ଅର୍ଥନୈତିକ ପୁନରୁତ୍ଥାନ ପାଇଁ ସମୟର ଆହ୍ୱାନ ଶିଳ୍ପର ଦୁଇ ଅଂଶୀଦାର ଶ୍ରମିକ ଓ ମାଲିକକୁ ।

ଜିଲ୍ଲା ଶ୍ରମ ଅଧିକାରୀ
ପୋ: ଭବାନୀପାଟଣା

## ସମୃଦ୍ଧି ପଥେ ଓଡ଼ିଶା

* ଆଗାମୀ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ୫ ଲକ୍ଷ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ।
* ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଓ ଘୁଷୁରି ପାଳନ ସମ୍ବନ୍ଧି କାର୍ଯ୍ୟକ୍ରମରେ ୧୦,୦୦୦ ଦରିଦ୍ରତମ ପରିବାରଙ୍କୁ ଅଭ୍ୟୁତ୍ଥାନ କରାଯିବ ।
* ୬,୦୦୦ ଗରିବ ଗ୍ରାମ କାରିଗର ଓ ଗ୍ରାମ୍ୟ ଶିଳ୍ପସହ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ଅଣକୃଷି କର୍ମ-ନିଯୋଗ କାର୍ଯ୍ୟକ୍ରମର ପରିସରଭୁକ୍ତ କରି ଅଭ୍ୟୁତ୍ଥାନ କରାଯିବ ।
* ଗରିବ ଲୋକଙ୍କ ଅର୍ଥନୈତିକ ପୁନର୍ବାସ ପାଇଁ ବ୍ୟାପକ ପଦକ୍ଷେପ ।
* ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପାଇଁ ଶିଳ୍ପ ସମନ୍ୱିତ ବ୍ୟୁରୋ ନାମରେ ଏକ ଯୋଗା-ଯୋଗ ଫୋରମ ଗଠନ ।
* ୧୯୮୦-୮୫ରୁ ଆରମ୍ଭ ହେଉଥିବା ଷଷ୍ଠ ଯୋଜନା କାଳ ମଧ୍ୟରେ ରାଜ୍ୟର ଏକଲକ୍ଷ ଉପଜାତୀୟ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁ-ଥାନ ।

( ୧୮ ପୃଷ୍ଠାର ଅବଶିଷ୍ଟାଂଶ )

ତେଣୁ ସ୍ୱାଧୀନ ବେକାର ଛାତ୍ର-ଯୁବକ, କୃଷକ-ଶ୍ରମିକ, ଶିକ୍ଷକ ନେତା, କବି-କଥାକାର ଓ ବୁଦ୍ଧିଜୀବୀ ସମସ୍ତେ ଅନୁପ୍ରାଣିତ ଭାବରେ ଏହି ମହାନ୍ ଦେଶର ପ୍ରାଚୀନ ଗୌରବ ଓ ସାଂସ୍କୃତିକ ଆତ୍ମାକୁ ଅଧିକତର ସମୃଦ୍ଧ ଓ ପ୍ରତିଷ୍ଠିତ କରିବାପାଇଁ ସଚେତନ ଓ ସଂଗ୍ରାମରତ ହେବା କର୍ତ୍ତବ୍ୟ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ବି. ଜେ. ବି. କଲେଜ, ଭୁବନେଶ୍ୱର

# ଶପଥ ପୂରଣ ଦିଗରେ ଏକବର୍ଷ

ଜୁନ୍ ୯, ୧୯୮୦ରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର କଂଗ୍ରେସ (ଇ) ସରକାର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନ ପ୍ରତିଶ୍ରୁତି ପାଳନକରି ଏହି ସରକାର ବିଗତ ଏକ ବର୍ଷ ମଧ୍ୟରେ ଜନସାଧାରଣଙ୍କର ବିଶ୍ୱାସ ଓ ଆସ୍ଥାଭାଜନ ହେବାପାଇଁ ସର୍ବବିଧ ଉଦ୍ୟମ କରିଛନ୍ତି । ଓଡ଼ିଶା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ଅଭିଭାଷଣରେ କହିଥିଲେ ଯେ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନର ସଂପ୍ରସାରଣ, ଶିଳ୍ପବିକାଶ ଓ ସର୍ବୋପରି ସମାଜର ଦରିଦ୍ରତମ ଲୋକମାନଙ୍କୁ ଦାରିଦ୍ର୍ୟ ସୀମାରେଖାର ଊର୍ଦ୍ଧ୍ୱକୁ ନେବାପାଇଁ ତାଙ୍କ ସରକାର ସର୍ବପ୍ରଯୋଜ୍ୟ ଉଦ୍ୟମ କରିବେ । ଏତଦ୍ ବ୍ୟତୀତ ଜନସାଧାରଣଙ୍କ ଆଶା ଆକାଂକ୍ଷା ସଂପର୍କରେ ଅବହିତ ରହି ନିର୍ମଳ, ସ୍ୱଚ୍ଛ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ଶାସନ କରିବା ନିମନ୍ତେ ସରକାର ଶପଥ ନେଇଥିଲେ ।

ଗତ ୩୬୫ ଦିନ ମଧ୍ୟରେ ସରକାରଙ୍କ କାର୍ଯ୍ୟକଳାପ ସଂପର୍କରେ ଜନସାଧାରଣ କିଛି ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ । ମାତ୍ର ଏ ସମ୍ବନ୍ଧରେ ଆଲୋଚନା କଲାବେଳେ ବର୍ତ୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବା ସମୟରେ ରାଜ୍ୟରେ ଯେଉଁ ଅର୍ଥନୀତିକ ମାନ୍ଦା ଅବସ୍ଥା ତଥା ଅନ୍ୟାନ୍ୟ ବହୁ ସମସ୍ୟା ରହିଥିଲା, ତାହା ମଧ୍ୟ ବିଚାରକୁ ନେବା ଆବଶ୍ୟକ । ଏଠାରେ ଉଲ୍ଲେଖ କରାଇ ଦିଆଯାଇ ପାରେ, ୧୯୭୯-୮୦ରେ ଅଭିବୃଦ୍ଧିର ହାର ଏକଭାଗ ପଶ୍ଚାତକୁ ଗତି କରୁଥିଲା ଓ ଏହା ଫଳରେ ପରିସ୍ଥିତି ଅତ୍ୟନ୍ତ ଉତ୍କଟ ହୋଇ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଶତକଡା ୬୦ରୁ ୮୦କୁ ବୃଦ୍ଧି ପାଇଥିଲା । ଏହା ବ୍ୟତୀତ ନୂତନ ସରକାର ଗୁରୁତର ମରୁଡ଼ି ସାଙ୍ଗକୁ ଅଭୂତପୂର୍ବ ବନ୍ୟା ଓ ଭୟାବହ ଘୂର୍ଣ୍ଣିବାତ୍ୟା ପରିସ୍ଥିତିର ମଧ୍ୟ ସମ୍ମୁଖୀନ ହୋଇଥିଲେ । ମୋଟାମୋଟି ଭାବରେ ଦେଖିବାକୁ ଗଲେ ସଂପ୍ରତି ସରକାରଙ୍କ ସମ୍ମୁଖରେ ଥିବା ଦାୟିତ୍ୱ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ—(୧) କ୍ରମ ବର୍ଦ୍ଧମାନ ଦାରିଦ୍ର୍ୟର ଅଭିବୃଦ୍ଧିକୁ ପ୍ରତିହତ ତଥା ପ୍ରତିରୋଧ କରିବା ଏବଂ (୨) ରାଜ୍ୟରେ ସାମଗ୍ରିକ ଅର୍ଥନୀତିକୁ ଶକ୍ତିଶାଳୀ କରି ଦ୍ରୁତ ଅର୍ଥନୈତିକ ପ୍ରଗତି ହାସଲ କରିବା ।

## ଗ୍ରାମାଞ୍ଚଳ ଗରିବଙ୍କପାଇଁ ଅର୍ଥନୈତିକ ଥଇଥାନ ବ୍ୟବସ୍ଥା

ବ୍ୟାପକ ଦାରିଦ୍ର୍ୟଜନିତ ସମସ୍ୟାକୁ ବିଚାରକୁ ନେଇ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ଅର୍ଥନୈତିକ ଥଇଥାନ ନିମନ୍ତେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିବା ଏ ସରକାରଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା । ପ୍ରଧାନ ମନ୍ତ୍ରୀଙ୍କ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଅବଲମ୍ବନରେ ପାଞ୍ଚବର୍ଷ ସମୟ ସୀମା ମଧ୍ୟରେ ରାଜ୍ୟର ପାଞ୍ଚଲକ୍ଷ ଦରିଦ୍ରତମ ପରିବାରଙ୍କୁ ସଂପୂର୍ଣ୍ଣ ଭାବେ ଥଇଥାନ କରିବା ନିମନ୍ତେ ଏହି ନୂତନ ପରିକଳ୍ପନା ଅଭିପ୍ରେତ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୦-୮୧ରେ ଏଭଳି ଅନ୍ୟୁନ ୩୮ ହଜାର ପରିବାରଙ୍କୁ ପ୍ରାୟ ୪.୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ଥଇଥାନ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସାମାନ୍ୟ ବିଳମ୍ବରେ ଆରମ୍ଭ କରାଯାଇଥିଲେ ସୁଦ୍ଧା ଏହି ନୂତନ ପରିକଳ୍ପନା ବିଶେଷ ଭାବେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ଏହି ପରିକଳ୍ପନାର ବୈଶିଷ୍ଟ୍ୟ ଏହି ଯେ, କେବଳ ଉପକୃତ ହେଉଥିବା ଗରିବମାନଙ୍କୁ ସେମାନେ ଜମିବାଡ଼ି ସଂପର୍କରେ ଯଥେଷ୍ଟ ଜ୍ଞାନ ଲାଭ କରିବା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ସହାୟତା ମିଳେ ନାହିଁ, ପରନ୍ତୁ ଜମିରୁ କିମ୍ବା ପଶୁ ବିକ୍ରିରୁ ଅଥବା ମାଛ ପୋଖରୀ କିମ୍ବା ପଶୁପାଳନରୁ ସ୍ଥାୟୀ ଆୟ ମିଳିବା ପର୍ଯ୍ୟନ୍ତ ମଜୁରୀ ଆକାରରେ ସେମାନେ ଯେପରି ନିୟମିତ କିଛି ଉପାର୍ଜନ କରିପାରନ୍ତି, ସେ ଦିଗରେ ବ୍ୟବସ୍ଥା କରାଯାଇଥାଏ ।

ବିଗତ ଏକ ବର୍ଷ ମଧ୍ୟରେ ଏ ଦିଗରେ ହୋଇଥିବା ଅଗ୍ରଗତି ବିଶେଷ ଉତ୍ସାହପ୍ରଦ । ଧାର୍ଯ୍ୟ ଲକ୍ଷ୍ୟ ୩୮ ହଜାର ୩ଶହ ଗରିବ ପରିବାରଙ୍କ ମଧ୍ୟରୁ ଅଦ୍ୟାବଧି ପ୍ରାୟ ୩୩ ହଜାର ପରିବାରଙ୍କୁ ଚିହ୍ନଟ କରାଯାଇଛି । ଏହି ଯୋଜନାରେ ଜନସାଧାରଣଙ୍କୁ ବ୍ୟାପକଭାବେ ସଂଶ୍ଳିଷ୍ଟ କରାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ଗ୍ରାମବାସୀମାନଙ୍କର ଉପସ୍ଥିତିରେ ଉପକୃତ ହେଉଥିବା ଗରିବ ପରିବାରଙ୍କୁ ଚିହ୍ନଟ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ବହୁସଂଖ୍ୟକ ଗରିବ ପରିବାରଙ୍କୁ ଭୂମିଭିତ୍ତିକ ପରିକଳ୍ପନାରେ ଥଇଥାନ କରାଯିବ ଓ ଅନ୍ୟମାନଙ୍କୁ ପଶୁପାଳନ କିମ୍ବା ଅଣକୃଷି ପରିକଳ୍ପନାରେ ଥଇଥାନ କରାଯିବ । ଗ୍ରାମାଞ୍ଚଳର ଅତି ଗରିବ ଲୋକମାନଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମର ବିଭିନ୍ନ ଯୋଜନା ଅନୁଯାୟୀ ଗତବର୍ଷ ୧୧,୯୬୮ଟି

ପରିବାରଙ୍କୁ ସାହାଯ୍ୟ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୫,୪୭୬ଟି ପରିବାରଙ୍କୁ ଭୂମିଭିତ୍ତିକ କାର୍ଯ୍ୟକ୍ରମରେ ଥଇ
କରାଯାଇଥିବାବେଳେ ୫,୧୨୪ଟି ପରିବାରଙ୍କୁ ମତ୍ସ୍ୟଚାଷ ଏବଂ ୧,୦୩୪ଟି ପରିବାରଙ୍କୁ ଅଣକୃଷି କର୍ମସଂସ୍ଥାନ ଯୋଜନା
ଥଇଥାନ କରାଯାଇଥିଲା । ଥଇଥାନ କରାଯାଇଥିବା ଗରିବ ପରିବାରର ଜିଲ୍ଲାୱାରି ହିସାବ ନିମ୍ନରେ ଦିଆଗଲା-

| | |
|---|---|
| କୋରାପୁଟ-୪,୯୫୧ | ସୁନ୍ଦରଗଡ଼-୪୪୩ |
| ବଲାଙ୍ଗୀର-୨,୫୨୭ | ଫୁଲବାଣୀ-୩୭୪ |
| ପୁରୀ-୧,୦୫୬ | ସମ୍ବଲପୁର-୧୯୮ |
| ଗଞ୍ଜାମ-୯୧୪ | କଟକ-୧୧୭ |
| ବାଲେଶ୍ୱର-୮୮୩ | ଢେଙ୍କାନାଳ-୨,୬୮୭ |
| କଳାହାଣ୍ଡି-୫୧୫ | ମୟୂରଭଞ୍ଜ-୭,୦୬୬ |
| କେନ୍ଦୁଝର-୧,୦୭୭ | |

ସେହିଭଳି ପୋଖରୀରେ ମାଛଚାଷ କରି ଜୀବିକା ନିର୍ବାହ କରିବାପାଇଁ ୬୬୩ଟି ଗରିବ ପରିବାରଙ୍କୁ ନିଯୋଜିତ କରା ଯାଇଛି । ୧୯୮୦-୮୧ରେ ୩୪୨ ଏକର ଆୟତନ ବିଶିଷ୍ଟ ପୁଷ୍କରିଣୀ ଏ ବାବଦରେ ଉପଯୋଗ କରାଯାଇଛି । ମାଛ ଚାଷ ପାଇଁ ପୁଷ୍କରିଣୀର ଉନ୍ନତି ବିଧାନ କରିବା ଓ ମାଛଧରା ସରଞ୍ଜାମ କିଣିବା ବାବଦରେ ୩୪ଲକ୍ଷ ଟଙ୍କା ଉପଯୋଗ କରାଯାଇଛି । ଶାଳିଆ, ଖଡ଼କେଇ, ହଳଦିଆ, ବଡ଼ଯୋର, ବାଲିମେଳା, ହୀରାକୁଦ, ପିତାମହଲ, ଭଞ୍ଜନଗର ଓ ଘୋଡ଼ାହାଡ଼ ଜଳଭଣ୍ଡାର ଯୋଜନାଗୁଡ଼ିକରେ ମାଛ ଧରିବାପାଇଁ ୭୦୦ ଗରିବ ମତ୍ସ୍ୟଜୀବୀ ପରିବାରଙ୍କୁ ସୁବିଧା ଦିଆଯାଇଛି । ସେମାନଙ୍କୁ ପ୍ରତ୍ୟେକ ୩ଶହ ଫୁଟ ଲମ୍ବ ବିଶିଷ୍ଟ ୧ ହଜାର ୬୭ଟି ଜାଲ ଓ ୨୬ଫୁଟ ଲମ୍ବ ବିଶିଷ୍ଟ ୧୦୦ଟି ଡଙ୍ଗା ଯୋଗାଇ ଦିଆଯାଇଛି । ଏସବୁ ଡଙ୍ଗା ପାଇଁ ପ୍ରାୟ ୧୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହାଛଡ଼ା ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳ ଓ କଟକ ଜିଲ୍ଲାର ରାଜନଗର ଅଞ୍ଚଳରେ ଲୁଣିଜଳ ମତ୍ସ୍ୟ ଫାର୍ମ ଯୋଜନା ଅନୁଯାୟୀ ଗରିବ ମତ୍ସ୍ୟଜୀବୀମାନଙ୍କୁ ଥଇଥାନ କରିବା ନିମନ୍ତେ ଏକ ବିଶେଷ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି ।

## ଅଧିକ ଜଳସେଚନ ସୁବିଧା ସୃଷ୍ଟି

କୃଷିର ବିକାଶ ନିମନ୍ତେ ଜଳସେଚନର ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସରକାର ଜଳସେଚନର ପରିସର ବୃଦ୍ଧି କରିବାପାଇଁ ପ୍ରତିଜ୍ଞାବଦ୍ଧ । ଆଞ୍ଚଳିକ ବୈଷମ୍ୟ ଦୂର କରିବା ଏବଂ ମରୁଡ଼ି ବିପନ୍ନ ଅଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନର ସୁବିଧା ସୁଯୋଗ ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟ । ୧୯୭୯-୮୦ ସୁଦ୍ଧା ୧୨.୮୬ ଲକ୍ଷ ହେକ୍ଟର ଜମିକୁ ଜଳସେଚନର ସୁବିଧା ଦେବାପାଇଁ ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନର ସରକାର ଆଉ ଅଧିକ ୧୪.୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ଓ ଏଥିମଧ୍ୟରୁ ଷଷ୍ଠ ଯୋଜନା ଶେଷ ସୁଦ୍ଧା ୬.୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯିବ ।

ରାଜ୍ୟରେ ଜଳସେଚନ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିବା ପାଇଁ ରଖାଯାଇଥିବା ଉପସ୍ଥିତ କାର୍ଯ୍ୟକ୍ରମରୁ ହାସଲ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ରେଙ୍ଗାଲି, ପୋଟେରୁ, ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ଭଳି ଯୋଜନାଗୁଡ଼ିକୁ ଯଥାସମ୍ଭବ ସ୍ୱଳ୍ପ ସମୟ ମଧ୍ୟରେ ସଂପୂର୍ଣ୍ଣ କରିବା ଲାଗି ପଦକ୍ଷେପ ନିଆଯାଇଛି । ଏହାଛଡ଼ା ରାଜ୍ୟରେ ଜଳସେଚନର ପରିସର ଅଭିବୃଦ୍ଧି ପାଇଁ ଇବ୍, ସୁବର୍ଣ୍ଣରେଖା, ଭୀମକୁଣ୍ଡ ଭଳି ଯୋଜନାଗୁଡ଼ିକ ହାତକୁ ନିଆଯାଇଛି । କ୍ଷୁଦ୍ର ତଥା ମଧ୍ୟମ ଜଳସେଚନ ଯୋଜନାରେ ଅନୁରୂପ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଏହାଛଡ଼ା ଉଠାଜଳସେଚନ ଓ ସେଚକୂପ ପାଇଁ ବୃହତ୍ ଧରଣର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ଦ୍ରୁତ ଶିଳ୍ପାୟନ ପରିକଳ୍ପନା

ସରକାରଙ୍କ ନୂତନ ଶିଳ୍ପନୀତିକୁ ସମଗ୍ର ଦେଶରେ ଅନ୍ୟତମ ପ୍ରଗତିଶୀଳ ନୀତି ରୂପେ ବିବେଚନା କରାଯାଇଛି । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଧିକ ଲୋକଙ୍କୁ କାମଧନ୍ଦା ଯୋଗାଇବା, ଗ୍ରାମାଞ୍ଚଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଶିଳ୍ପ କ୍ଷେତ୍ରରେ ଉନ୍ନତ ଓ ଅନୁନ୍ନତ ଅଞ୍ଚଳ ମଧ୍ୟରେ ଥିବା ଆଞ୍ଚଳିକ ବୈଷମ୍ୟ ଦୂର କରିବା ନିମନ୍ତେ ଏହା ଅଭିପ୍ରେତ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଗତ ଅଗଷ୍ଟ ପହିଲାଠାରୁ ନୂତନ ଶିଳ୍ପନୀତି ପ୍ରବର୍ତ୍ତନ କରାଯାଇଛି ।

(୧) ଶିଳ୍ପୋଦ୍ୟୋଗୀମାନଙ୍କ ସମସ୍ୟା ସମାଧାନ କରିବା ଲାଗି ପ୍ରଶାସନିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, (୨) ଶିଳ୍ପ ବିକାଶ କ୍ଷେତ୍ରରେ ସହାୟକ ହେବାପାଇଁ ନୂତନ ଆନୁଷ୍ଠାନିକ ସଂସ୍ଥା ଗଠନ କରିବା ଏବଂ (୩) ବାସ୍ତବାଭିମୁଖୀ ଓ ଫଳପ୍ରଦ ଶିଳ୍ପନୀତି ସହିତ ଏହା କାର୍ଯ୍ୟକାରୀ ହେବାଲାଗି ଯଥାଯଥ କାର୍ଯ୍ୟାନୁସରଣ ବ୍ୟବସ୍ଥା ମାଧ୍ୟମରେ ସାଂପ୍ରତିକ ଅନୁକୂଳ ବିନିଯୋଗ ପରିବେଶ ହାସଲ କରାଯାଇପାରିବ ;

ନୂତନ ସରକାର କ୍ଷମତାସୀନ ହେବା ପରେ ପରେ ହଜାରେ ଦିନରେ ହଜାରେ କୋଟି ଟଙ୍କା ବ୍ୟୟ ଅଟକଳରେ ହଜାରେଟି ଶିଳ୍ପ ପ୍ରତିଷ୍ଠା କରିବାପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଥମ ଏକ ବର୍ଷ ମଧ୍ୟରେ ଏହି ପ୍ରତିଶ୍ରୁତିର ଅଧିକ ଭାଗ ହାସଲ କରାଯାଇ ପାରିଛି । ଏହାଛଡ଼ା ଓଡ଼ିଶାରେ ନିକଟ ଭବିଷ୍ୟତରେ କେନ୍ଦ୍ରୀୟ ଉଦ୍ୟୋଗରେ ବୃହତ୍ ଧରଣର ପ୍ରୋଜେକ୍ଟମାନ ପ୍ରତିଷ୍ଠା କରିବାଲାଗି ଉଦ୍ୟମ ଅବ୍ୟାହତ ରହିଛି ।

ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ଏବଂ ରାଜ୍ୟ ସରକାରଙ୍କର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ୧,୫୦୦ କୋଟି ଟଙ୍କା ବ୍ୟୟରେ ଏକ ଆଲୁମିନିୟମ ଶିଳ୍ପ କାରଖାନା ବାସ୍ତବ ରୂପ ନେବାକୁ ଯାଉଛି । ଏକ ବିଶାଳ ବନ୍ଦର ଭିତ୍ତିକ ଇସ୍ପାତ କାରଖାନା ଓ ଫସଫେଟିକ୍ ସାରକାରଖାନାର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରାଯାଉଛି । କ୍ଷୁଦ୍ର ଶିଳ୍ପାନୁଷ୍ଠାନ କ୍ଷେତ୍ରରେ ଗତବର୍ଷ ୨,୦୦୩ଟି ଶିଳ୍ପ କାରଖାନା ୧୩.୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠା କରାଯାଇ ୧୪,୮୪୦ ଜଣ ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇ ପାରିଛି । ସେହିଭଳି କାରିଗରୀ, ତନ୍ତୁବାୟ, ଗ୍ରାମୋଦ୍ୟୋଗ ଓ କୁଟୀରଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି ଏବଂ ୩୨,୭୪୪ଟି ଏଭଳି ଶିଳ୍ପକାରଖାନା ୩.୭୩ କୋଟି ଟଙ୍କାରେ ପ୍ରତିଷ୍ଠା କରାଯାଇ ୫୪,୮୭୧ ଜଣ ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ।

## ବିଦ୍ୟୁତ୍ ଉତ୍ପାଦନ

ସଂପ୍ରତି ସମଗ୍ର ରାଜ୍ୟରେ ବିଭିନ୍ନ ଉତ୍ପାଦନ କେନ୍ଦ୍ରରୁ ୯୧୪ ମେଗାଓ୍ୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ, ରେଙ୍ଗାଲି, ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ଜଳ ଯୋଜନାମାନ ବର୍ତ୍ତମାନ ନିର୍ମାଣ ପଥରେ ଆଗେଇ ଚାଲିଛି । ଏଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ୧,୧୬୦ ମେଗାଓ୍ୱାଟ ବିଦ୍ୟୁତ୍‌ଶକ୍ତି ମିଳିପାରିବ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ଓ ଦ୍ୱିତୀୟ ୟୁନିଟ୍‌ର ସଂପ୍ରସାରଣ କାର୍ଯ୍ୟ ଯଥାକ୍ରମେ ଚଳିତବର୍ଷ ଡିସେମ୍ବର ଓ ୧୯୮୨ ଜୁନ୍‌ରେ ଶେଷ ହେବ । ରେଙ୍ଗାଲି ଯୋଜନାର ଦୁଇଟି ୟୁନିଟ ୧୯୮୩-୮୪ ମସିହାରେ ଶେଷ କରାଯିବା ପାଇଁ ନିର୍ଦ୍ଧାରଣ କରାଯାଇଥିବା ବେଳେ ଅପର କୋଲାବର ୩ଟି ୟୁନିଟ୍ ୧୯୮୩–୮୫ରେ ଶେଷ କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଇବ୍, ସୁବର୍ଣ୍ଣରେଖା ଓ ଭୀମକୁଣ୍ଡ ଭଳି କେତେକ ନୂତନ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅନୁଧ୍ୟାନ କରାଯାଉଛି ।

## ପର୍ଯ୍ୟଟନ ବିକାଶ

ଓଡ଼ିଶାରେ ଅନେକ ଆକର୍ଷଣୀୟ ପର୍ଯ୍ୟଟକ ପୀଠ ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ । ଏସବୁ ନିକାଞ୍ଚନ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ସାଧନ ଘଟାଇବା ସଙ୍ଗେ ସଙ୍ଗେ ଆବଶ୍ୟକ ଭିତ୍ତିଭୂମିକ ସୁବିଧାର ସଂପ୍ରସାରଣ ପାଇଁ ପଦକ୍ଷେପ ନିଆଯିବା ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷେ ଅଧିକ ଜରୁରୀ ହୋଇ ପଡ଼ିଛି । ସରକାର ଏ ସଂପର୍କରେ ଦୁଇଟି ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ତାହାହେଲା (୧) ରାଜ୍ୟରେ ଯଥାଯଥ ଭିତ୍ତିଭୂମିକ ବିକାଶ ଘଟାଇବା ଓ (୨) ବିଦେଶରେ ରାଜ୍ୟ ପର୍ଯ୍ୟଟନ ଭାବମୂର୍ତ୍ତିର ପରିପ୍ରକାଶ କରିବା । ଏ ଦିଗରେ ଗତ ଏକ ବର୍ଷ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି ।

୧୯୮୦-୮୧ରେ ୩୬ଟି ଶଯ୍ୟା ବିଶିଷ୍ଟ ୧୮ ଗୋଟି ପ୍ରକୋଷ୍ଠକୁ ନେଇ ୩ଟି ପାନ୍ଥ ନିବାସ ନିର୍ମାଣ କରାଯାଇଛି । ଏହା ଫଳରେ ବରକୁଲଠାରେ ପର୍ଯ୍ୟଟକମାନଙ୍କ ବିଶ୍ରାମ କକ୍ଷ ପାଇଁ ବହୁଦିନରୁ ଯେଉଁ ଅଭାବ ଥିଲା ତାହା ପୂରଣ କରାଯାଇ ପାରିଛି । ଏହାଛଡ଼ା ବାଲିଚନ୍ଦ୍ରପୁର, ଡାଙ୍ଗିରିପୋଖରି ଓ ରମ୍ଭାଠାରେ ଥିବା ପାନ୍ଥ ନିବାସଗୁଡ଼ିକର ଉନ୍ନତି ବିଧାନ କରାଯାଉଛି । ବରକୁଲ ପର୍ଯ୍ୟଟନ କେନ୍ଦ୍ରଠାରେ ଜେଟି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଉପରେ । ଭାରତୀୟ ପର୍ଯ୍ୟଟନ ଉନ୍ନୟନ ଲିମିଟେଡ୍‌ଙ୍କ ସହାୟତାରେ ପୁରୀ ଓ କୋଣାର୍କଠାରେ ସୌଖୀନ ହୋଟେଲ ନିର୍ମାଣ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ୍ ଲିମିଟେଡ୍‌କୁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଦେଶର ପ୍ରସିଦ୍ଧ ହୋଟେଲ ମାଲିକମାନଙ୍କୁ ସେମାନଙ୍କର ହୋଟେଲରେ ପର୍ଯ୍ୟଟକମାନଙ୍କ ରହଣିର ବ୍ୟବସ୍ଥା କରିବା ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି । ଓବେରୟ ହୋଟେଲସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରଠାରେ ଏକ ସୌଖୀନ୍ ହୋଟେଲ ନିର୍ମାଣ କରୁଛନ୍ତି ।

ପର୍ଯ୍ୟଟକମାନଙ୍କ ନିମନ୍ତେ ଗମନାଗମନ ଯଥା ପରିବହନର ସୁବିଧା କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଲିମିଟେଡ୍ ୩ଟି ଅଣତାପ ନିୟନ୍ତ୍ରିତ ବସ୍ କିଣିଛନ୍ତି ଏବଂ ୩ଟି ଶୀତତାପ ନିୟନ୍ତ୍ରିତ ବସ୍ କିଣିବା ପାଇଁ ଉଦ୍ୟମ ଚଳାଉଛନ୍ତି । ୧୯୮୦-୮୧ ମସିହା ପ୍ରାରମ୍ଭରେ ରାଜ୍ୟରେ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ୧୨ଟି ପରିବହନ ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ପୁରୀଜିଲ୍ଲାର ଅତ୍ରି, ଗଞ୍ଜାମର ତପ୍ତପାଣି ଓ ଢେଙ୍କାନାଳ ଜିଲ୍ଲାର ଦେଉଳଝରି ଉଷ୍ଣପ୍ରସ୍ରବଣର ବିକାଶ ନିମନ୍ତେ ବ୍ୟବସ୍ଥା କରାଯାଉଛି ।

## ପାନୀୟ ଜଳ ସମସ୍ୟା

ଓଡ଼ିଶାରେ ୨,୭୭୭ଟି ଗ୍ରାମରେ ପାନୀୟ ଜଳର ଅଭାବ ରହିଛି । ଏହି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ନଳକୂପ ବସାଇବାର ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ୧୯୮୦-୮୧ ମଧ୍ୟରେ ୩,୪୫୫ଟି ନଳ କୂପ ବସା ଯାଉଛି ।

## ଗ୍ରାମାଞ୍ଚଳ ବାସଗୃହ

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଗ୍ରାମାଞ୍ଚଳରେ ଯେଉଁ ବାସଗୃହ ଧ୍ୱଂସ ହେଉଛି ସେଗୁଡ଼ିକ ପୁନଃ ନିର୍ମାଣ କରିବା ପାଇଁ ସରକାର ଏକ ବଡ଼ଧରଣର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୨ କୋଟି ଟଙ୍କାରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ୩୦ ହଜାର ବିପନ୍ନ ପରିବାରଙ୍କୁ ବାସଗୃହ ଯୋଗାଇଦେବା ଏ ପରିକଳ୍ପନାର ଲକ୍ଷ୍ୟ । ପ୍ରଥମ ପର୍ଯ୍ୟାୟରେ ନିର୍ମିତ ୧୦୦ଟି ବାସଗୃହ ଗତ ମାର୍ଚ୍ଚ ମାସ ଶେଷରେ ପ୍ରଧାନମନ୍ତ୍ରୀ ଓଡ଼ିଶା ପରିଦର୍ଶନରେ ଆସିଥିବା ବେଳେ ତାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

## ଶିକ୍ଷା ବିକାଶ

୮ମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ, ୧୯୮୧ ଜୁଲାଇ ମାସ ଠାରୁ ପୁରୀରେ ଏକ ସଂସ୍କୃତ ମହାବିଦ୍ୟାଳୟ ଖୋଲିବାର ନିଷ୍ପତ୍ତି ବର୍ତ୍ତମାନ ସରକାରଙ୍କ ବିଗତ ଏକ ବର୍ଷର ସଫଳତା କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର । ଶିକ୍ଷାର ବିକାଶ ନିମନ୍ତେ ପ୍ରାୟ ୨·୩୭ କୋଟି ଟଙ୍କା ବ୍ୟୟରେ ଉଲ୍ଲେଖନୀୟ ଭାବେ ଉଚ୍ଚଶିକ୍ଷା ସୁବିଧାର ସଂପ୍ରସାରଣ ହୋଇଛି । ୧୨ଟି ନୂଆ ବେସରକାରୀ କଲେଜକୁ ସ୍ୱୀକୃତି ଦିଆଯାଇଛି । ପ୍ରତିଭା ବିକାଶ ନିମନ୍ତେ ରାଜ୍ୟ ସରକାର ମେଧା ଛାତ୍ରବୃତ୍ତିର ସଂଖ୍ୟା ଇଣ୍ଟରମିଡିଏଟ୍ ସ୍ତରରେ ୮୫୦ରୁ ୧,୦୫୦, ସ୍ନାତକ ସ୍ତରରେ ୧୮୫ରୁ ୨୮୫ ଓ ସ୍ନାତକୋତ୍ତର ସ୍ତରରେ ୭୫ରୁ ୨୮୫କୁ ବଢ଼ାଇ ଦେଇଛନ୍ତି । ନାରୀଶିକ୍ଷା ଓ ବିଜ୍ଞାନ ଶିକ୍ଷା ପାଇଁ ଗ୍ରାଣ୍ଟ-ଇନ୍-ଏଡ୍ ଦେବା ନୀତି କୋହଳ କରାଯାଇଛି ।

## ହରିଜନ ଓ ଆଦିବାସୀ କଲ୍ୟାଣ

ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଗତ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ବର୍ତ୍ତମାନର ସରକାର ଭବିଷ୍ୟତକୁ ଲକ୍ଷ୍ୟ ରଖି ପଦକ୍ଷେପ ଗ୍ରହଣ କରିଛନ୍ତି । ଛାତ୍ରବୃତ୍ତି ଓ ଛାତ୍ରାବାସ ବ୍ୟୟ ବାବଦକୁ ମିଳୁଥିବା ସାହାଯ୍ୟ ବୃଦ୍ଧି କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯୮୦ ଜୁଲାଇ ମାସ ପହିଲା ତାରିଖରୁ ଏ ବାବଦରେ ମାସିକ ୧୦ ଟଙ୍କା କରି ବୃଦ୍ଧି କରାଯାଇଛି । ବହୁଳସଂଖ୍ୟକ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଛାତ୍ରଛାତ୍ରୀମାନେ ଯେପରି ବିଦ୍ୟାଳୟରେ ଅନୁପସ୍ଥିତ ନ ରୁହନ୍ତି ସେଥି ନିମନ୍ତେ ରାଜ୍ୟ ସରକାର ଆଦିବାସୀ ଅଞ୍ଚଳଗୁଡ଼ିକରେ ଆବାସିକ ଶିକ୍ଷା ପ୍ରତିଷ୍ଠାନ ଖୋଲିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଭିନ୍ନ ସ୍ଥାନରେ ବିଶେଷକରି ବିକାଶ କେନ୍ଦ୍ର ଓ ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକରେ ଏଭଳି ଧରଣର ଛାତ୍ରଛାତ୍ରୀଙ୍କ ନିମନ୍ତେ ଛାତ୍ରାବାସ ନିର୍ମାଣ କରିବା ଲାଗି ସୁସଂହତ ଉଦ୍ୟମମାନ ଗ୍ରହଣ କରାଯାଇଥିଲା । ଚଳିତବର୍ଷ ମଧ୍ୟରେ ପ୍ରତ୍ୟେକଟିରେ ୪୦ଜଣ ଅନ୍ତେବାସୀ ରହିବା ଭଳି ୧୫ଟି ହଷ୍ଟେଲ ଓ ପ୍ରତ୍ୟେକଟିରେ ୨୦ ଜଣ ରହିବା ଭଳି ତିନୋଟି ଛାତ୍ରାବାସ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ଏତଦ୍‌ବ୍ୟତୀତ ୨୫୦ରୁ ଅଧିକ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ମେଧାଛାତ୍ରବୃତ୍ତି ଦିଆଯାଉଥିଲା । ଷଷ୍ଠ ଯୋଜନାକାଳ ମଧ୍ୟରେ ୨·୫କୋଟି ଟଙ୍କା ବ୍ୟୟ ଅଟକଳରେ ୧୯ ଗୋଟି ଏଭଳି ଛାତ୍ରାବାସ ନିର୍ମାଣ କରାଯିବ ।

## ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ ଓ ବଣ୍ଟନ ବ୍ୟବସ୍ଥା

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ସଂଗ୍ରହ ଓ ବଣ୍ଟନକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟ ଯୋଗାଣ କର୍ପୋରେସନ ଗଠନ କରାଯାଇଛି । ଏହି କର୍ପୋରେସନ ୧୯୮୦ ସେପ୍ଟେମ୍ବର ୩ ତାରିଖରୁ କାର୍ଯ୍ୟ କରି ଆସୁଛି । କୃଷକମାନଙ୍କର ସ୍ୱାର୍ଥର ସୁରକ୍ଷା ସଙ୍ଗେ ସଙ୍ଗେ ସାଧାରଣ ବଣ୍ଟନ ବ୍ୟବସ୍ଥାର ଆବଶ୍ୟକତା ପୂରଣ ନିମନ୍ତେ ଯଥେଷ୍ଟ ପରିମାଣର ସାମଗ୍ରୀ

ସରକାର ୧୯୮୦-୮୧ ଖରିଫ ଋତୁ ମଧ୍ୟରେ ୨ ଲକ୍ଷ ମେଟ୍ରିକ୍ ଟନ ଚାଉଳ ସଂଗ୍ରହ କରିବାକୁ
...ସ୍ଥିର କରି ରଖିବା ପାଇଁ ସରକାର ୧୯୮୦-୮୧ ଶେଷ ସୁଦ୍ଧା ୧'୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗୃହୀତ ହୋଇଛି ।
...ଧାର୍ଯ୍ୟ କରିଥିଲେ । ଏହି ଲକ୍ଷ୍ୟ ଅନୁଯାୟୀ ୧୯୮୧ ରାଜ୍ୟ ଯୋଗାଣ କର୍ପୋରେସନ ୨୩,୪୯୧ ଟନ୍ ଚାଉଳ ସଂଗ୍ରହ କରିଛନ୍ତି । ସଂଗ୍ରହ ନୀତିର ଗୁରୁତ୍ୱପୂର୍ଣ୍ଣ
...ଉଦ୍ଦେଶ୍ୟ ହେଲା ସମବାୟ ସଂସ୍ଥାଗୁଡ଼ିକୁ ଏହାର ପରିସରଭୁକ୍ତ କରିବା ।

...ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ପୁନର୍ଜୀବିତ କରାଯାଇଛି । ଅଣ-ଆଦିବାସୀ ଅଞ୍ଚଳରେ ପ୍ରତି ୨ ହଜାର ଲୋକଙ୍କ-
...ପାଇଁ ଏବଂ ଆଦିବାସୀ ତଥା ଅଗମ୍ୟ ଅଞ୍ଚଳରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ସୁଲଭ ମୂଲ୍ୟ ଦୋକାନ ଖୋଲିବା
...ଥିବା ନିୟମ ଅନୁସାରେ ସାରା ରାଜ୍ୟରେ ୧୬,୨୦୬ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି ।
...ମଧ୍ୟରୁ ୨,୫୧୭ଟି ସୁଲଭ ମୂଲ୍ୟ ଦୋକାନ ସମବାୟ ସମିତିର ଅନ୍ତର୍ଭୁକ୍ତ । ସଂଗ୍ରହ ଦର ବୃଦ୍ଧି ସତ୍ତ୍ୱେ ଚାଉଳର
...ବିକ୍ରୟ ଦର କୁଇଣ୍ଟାଲ ପିଛା ୧୮୦ ଟଙ୍କା ରଖାଯାଇଛି ।

୧୯୮୧ ଜାନୁଆରୀ ପହିଲାରୁ ଯୋଗାଣ କର୍ପୋରେସନ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ ଗହମ ବଣ୍ଟନ
...ଓ ଲେଭି ଚିନି ବଣ୍ଟନ କରିବାକୁ ମଧ୍ୟ ଦାୟିତ୍ୱ ନେଇଛନ୍ତି । ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ
...ସ୍ୱଚ୍ଛ ବଣ୍ଟନ କରିବାକୁ ସଂପ୍ରତି ଯୋଗାଣ କର୍ପୋରେସନକୁ ଦାୟିତ୍ୱ ଦିଆଯାଇଛି ।

## ସ୍ୱାସ୍ଥ୍ୟ ଓ ଡ଼ାକ୍ତରୀ ସେବା

ରାଜ୍ୟର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଓ ଡ଼ାକ୍ତରୀ ସୁବିଧା ସୁଯୋଗ ଯୋଗାଇ
ଦେବା ଉପରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଗରିବ ତଥା ଅବହେଳିତ ରୋଗୀମାନଙ୍କୁ
...ସାଧାରଣର ଡ଼ାକ୍ତରୀ ସେବା ଓ ଚିକିତ୍ସା ଯୋଗାଇଦେବା ନିମନ୍ତେ ସରକାରୀ ଡ଼ାକ୍ତରଙ୍କର ଘରୋଇ ଚିକିତ୍ସା ବନ୍ଦ ହୋଇଛି ।
...ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ୨୪ ଘଣ୍ଟିଆ ଡାକୁଆଉଟି ସେବା ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ଏହାଛଡ଼ା
...ରେ ଓ ଲେବରେଟରୀ ସେବା ନିମନ୍ତେ ଅଧିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମେଡ଼ିକାଲ କଲେଜ
...ହାସପାତାଳ, ଜିଲ୍ଲା ସଦର ମହକୁମା ଓ ସବ୍‌ଡ଼ିଭିଜିନାଲ ହାସପାତାଳଗୁଡ଼ିକରେ କର୍ମଚାରୀ ସଂଖ୍ୟା ବିଶେଷଭାବେ
ବୃଦ୍ଧି କରାଯାଇଛି ।

...ଲେବରେଟରୀ ସୁବିଧା ସୁଯୋଗ ସହ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ସେବା ଓ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଲାଗି ୧୦ ଗୋଟି
ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩୦ ଗୋଟି ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନୀତ କରାଯାଇଛି । ବ୍ରିଟିଶ୍ ପରିକଳ୍ପନା ଅନୁଯାୟୀ
...କ, ପୁରୀ, ଗଞ୍ଜାମ, ଫୁଲବାଣୀ ଓ କଳାହାଣ୍ଡି ପ୍ରଭୃତି ୫ଗୋଟି ଜିଲ୍ଲାକୁ ଭିତ୍ତିଭୂମିକ ବିକାଶ ଏବଂ ସ୍ୱାସ୍ଥ୍ୟ ଓ
ପରିବାରକଲ୍ୟାଣ ସେବାକୁ ତ୍ୱରାନ୍ୱିତ କରିବା ଲାଗି ଚିହ୍ନଟ କରାଯାଇଛି । ୫ଗୋଟି ଜିଲ୍ଲା ସଦର ମହକୁମା ହାସପାତାଳ ଓ
ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାସପାତାଳଗୁଡ଼ିକରେ ବ୍ୟାପକ ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି ।

## ଉନ୍ନତତର କୃଷି ଉତ୍ପାଦନ

ବର୍ତ୍ତମାନ ସରକାର କ୍ଷମତାସୀନ ହେବା ପରେ ପରେ ସମସ୍ତ ବିଷୟର ବିଚାର ଆଲୋଚନା କରି କୃଷି ଉପରେ
ବ୍ୟାପକ ଗୁରୁତ୍ୱ ଦେବାପାଇଁ ନିଷ୍ପତି କଲେ । ଏହାର ଉଦ୍ଦେଶ୍ୟ ହେଲା ଜମିରୁ ଅଧିକ ଅମଳ ପାଇବା ଏବଂ ଡାଲି
...ଜାତୀୟ ଶସ୍ୟ, ତୈଳବୀଜ, ଗହମ ଏବଂ ତୁଳା, ଆଖୁ ଓ ଝୋଟ ଭଳି ଅର୍ଥକରୀ ଫସଲ ବହୁଳଭାବେ ଚାଷକରି ଓ
...ଚାଷ ପଦ୍ଧତିର ପରିବର୍ତ୍ତନ ଘଟାଇ କୃଷକମାନଙ୍କର ଅର୍ଥନୈତିକ ଉନ୍ନତି କରିବା । ତଦନୁଯାୟୀ ରାଜ୍ୟର ଷଷ୍ଠ
...ବାର୍ଷିକ ଯୋଜନାରେ କୃଷି ବିକାଶ ପାଇଁ ବ୍ୟବସ୍ଥା କରାଯାଇଛି ।

ଜମିରେ ବୈଜ୍ଞାନିକ ପଦ୍ଧତିରେ ଖାଦ୍ୟଶସ୍ୟ ସମେତ ଅର୍ଥକରୀ ଫସଲ ଉତ୍ପାଦନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ
...ଛି । ଏହା ଫଳରେ ଚାଷୀମାନେ ଅଧିକ ଫସଲ ପାଇପାରିବେ । ରାଜ୍ୟର ବହୁ ସଂଖ୍ୟକ କୃଷକ ହେଉଛନ୍ତି କ୍ଷୁଦ୍ର ଓ
ନାମମାତ୍ର ଚାଷୀ । କାରଣ ଜମିଜମା ଥିଲାବାଲା ୩୬ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ହେଉଛନ୍ତି ନାମମାତ୍ର
...ଚାଷୀ, ଯେଉଁମାନଙ୍କର ୧ ହେକ୍‌ଟରରୁ କମ୍ ଜମି ରହିଛି ଏବଂ ପ୍ରାୟ ୧୦ ଲକ୍ଷ ହେଉଛନ୍ତି କ୍ଷୁଦ୍ରଚାଷୀ, ଅର୍ଥାତ୍ ଯେଉଁମାନଙ୍କର
...ଏକର ଓ ୨ ଏକର ମଧ୍ୟରେ ଜମି ରହିଛି । ଏଣୁ କୃଷକମାନଙ୍କର ଅର୍ଥନୈତିକ ବ୍ୟବସ୍ଥା ପାଇଁ ସରକାରଙ୍କ
...କୃଷକମାନଙ୍କୁ ବିହନ, ସାର, କୀଟନାଶକ ଔଷଧ ଓ ଋଣ ଭଳି ଆନୁସଙ୍ଗିକ ସାମଗ୍ରୀ ଯୋଗାଇ ଦିଆଯିବା ସଙ୍ଗେ
...ଉନ୍ନତ ଚାଷ ନିମନ୍ତେ କୃଷି ସଂପ୍ରସାରଣ କର୍ମଚାରୀଙ୍କ ସହାୟତା ଆବଶ୍ୟକ । ଛୋଟ ଛୋଟ ଜମିରୁ ଭଲ ଅମଳ
ପାଇବା ସଙ୍ଗେ ବ୍ୟାପକ ଅଞ୍ଚଳରେ ଅଧିକ ଅମଳକ୍ଷମ ଫସଲ କରାଯିବା ଆବଶ୍ୟକ ।

## ତୈଳବୀଜ

୧୯୭୯-୮୦ ମସିହାରେ ତୈଳବୀଜ ଉତ୍ପାଦନ କରିବା ନିମନ୍ତେ ଚାଷଜମି ୬'୨୨ ଲକ୍ଷ ହେକ୍‌ଟର ଥିଲା ଏବଂ ସେହିବର୍ଷ
...ହେବା ଯୋଗୁଁ ସେଥିରୁ ଉତ୍ପାଦନ ୨'୭୯ ଲକ୍ଷ ଟନ୍‌କୁ ହ୍ରାସ ପାଇଥିଲା । ୧୯୮୦-୮୧ ମସିହାରେ ଏ ପ୍ରକାର ଚାଷଜମି
...୬'୩୬ ଲକ୍ଷ ହେକ୍‌ଟର ଏବଂ ଉତ୍ପାଦନ ୪'୮୫ ଲକ୍ଷ ଟନ୍ ହେବ ବୋଲି ଆଶା କରାଯାଉଛି ।

## ପଶୁପାଳନ କାର୍ଯ୍ୟକ୍ରମ

ବିଶେଷ କରି ସମାଜର ଦୁର୍ବଳ ଶ୍ରେଣୀ ଉପକୃତ ହେଉଥିବା ପଶୁ ପାଳନ କାର୍ଯ୍ୟକ୍ରମ ବ୍ୟାପକ ଭାବେ ହାତକୁ ନିଆଯାଇ [illegible] ଆଦିବାସୀ ଓ ହରିଜନ ଶ୍ରେଣୀ ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିକଳ୍ପନା ପ୍ରସ୍ତୁତ କରାଯାଇଛି । ବିଗତ ବର୍ଷ କାର୍ଯ୍ୟକାରୀ ହୋଇଥିବା [illegible] ଦୁଗ୍ଧ ପରିକଳ୍ପନା ଦ୍ୱାରା ଦୁଗ୍ଧ ଉତ୍ପାଦନ ହାର ୧୪ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି । ସେହିଭଳି ଅଣ୍ଡା ଉତ୍ପାଦନ [illegible] ୩୪୮ ନିୟୁତରୁ ୩୫୨ ନିୟୁତକୁ ବୃଦ୍ଧି ପାଇଛି । ଗ୍ରାମାଞ୍ଚଳରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସକାଶେ ରିହାତି ମୂଲ୍ୟ[illegible] ୩,୦୮୨ଟି ଉନ୍ନତ କିସମର ବାଛୁରୀ ଯୋଗାଇ ଦିଆଯିବ । ଏହା ବ୍ୟତୀତ ୧୮୮ଟି କୁକୁଡ଼ା ପାଳନ କେନ୍ଦ୍ର, ୨୪୦ଟି ଘୁଷୁ[illegible] ପାଳନ କେନ୍ଦ୍ର ଏବଂ ୧୩୫ଟି ମେଷ ପାଳନ କେନ୍ଦ୍ର ସ୍ଥାପନ କରାଯାଇଛି ।

ହରିଜନ ସହାୟକ ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ୨୩୯ଟି ଦୁଗ୍ଧ ଉତ୍ପାଦନ କେନ୍ଦ୍ର, ୨୧୯ଟି ମେଷ ପାଳନ କେନ୍ଦ୍ର, [illegible] ଛେଳି ପାଳନ କେନ୍ଦ୍ର ଏବଂ ୧୬୮ଟି ବତକ ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି କ୍ଷେତ୍ରରେ ବତକ ପାଳନ [illegible] ବ୍ୟତୀତ ଅନ୍ୟଗୁଡ଼ିକ ପାଇଁ ଶତକଡ଼ା ୫୦ ଭାଗ ରିହାତି ଦିଆଯାଇଛି । ବତକ ପାଳନ କେନ୍ଦ୍ର ବାବଦ ସମସ୍ତ ବ୍ୟୟ ସରକାର [illegible] ବହନ କରିଛନ୍ତି ।

## ମତ୍ସ୍ୟ ଉତ୍ପାଦନ ବିକାଶ

ବିଗତ ଏକ ବର୍ଷ ମଧ୍ୟରେ କୃତ୍ରିମ ପ୍ରଜନନ ପ୍ରଣାଳୀରେ ପ୍ରାୟ ୧,୭୦୪ ଲକ୍ଷ ମାଛ ଯାଆଁଳ ଉତ୍ପାଦନ କରାଯାଇଛି । ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା । ବ୍ୟାପକ ମିଶ୍ରିତ ମତ୍ସ୍ୟ ଚାଷକୁ ଉତ୍ସାହିତ କରିବା ପାଇଁ ରାଜ୍ୟର ୧୩ଗୋଟି ଜିଲ୍ଲାରେ [illegible] ପ୍ରଦର୍ଶନୀ ପୁଷ୍କରିଣୀ ହାତକୁ ନିଆଯାଇଛି । ଓଡ଼ିଶା ମତ୍ସ୍ୟ ବିକାଶ ଉନ୍ନୟନ କର୍ପୋରେସନ ତରଫରୁ ବିନିକା ଏବଂ ଟିଖିରି[illegible] ଠାରେ ଗୋଟିଏ ଲେଖାଏଁ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବସାଯିବା ନିମନ୍ତେ ସ୍ଥିର କରାଯାଇଛି । କେନ୍ଦେଶୀ ନୌକା [illegible] ଜାଲ କିଣିବା କରିବାକୁ ଜଣକୁ ୩,୭୦୦ ଟଙ୍କା ଲେଖାଏଁ ୯୬୩ ଜଣ ପାରଂପରିକ ମତ୍ସ୍ୟଜୀବୀମାନଙ୍କୁ ଋଣ ଦିଆଯିବା ସଙ୍ଗେ [illegible] ସଙ୍ଗେ ଶତକଡ଼ା ୨୫ ଭାଗ ସବ୍‌ସିଡ଼ି ମଞ୍ଜୁର କରାଯାଇଛି । ମଧ୍ୟସ୍ଥ ବ୍ୟକ୍ତି ଓ ଗ୍ରାମ୍ୟ ବଣିକମାନଙ୍କ ଶୋଷଣରୁ ଏହି [illegible] ମତ୍ସ୍ୟଜୀବୀମାନଙ୍କୁ ରକ୍ଷା କରିବା ପାଇଁ ୪୮୦ଟି ସମବାୟ ସମିତି ଗଠନ କରାଯାଇଛି । ଗ୍ରାମାଞ୍ଚଳ ଦରିଦ୍ର ଲୋକ[illegible] ଅର୍ଥନୈତିକ ଉତ୍‌ଥାନ କାର୍ଯ୍ୟକ୍ରମ ଅନୁଯାୟୀ ୬୬୩ଟି ଦରିଦ୍ର ପରିବାରକୁ ୩୪୨ ଏକର ଜଳାଶୟ ଯୋଗାଇ ଦିଆଯାଇଛି ।

## ବନ ସଂରକ୍ଷଣ

ହୀରାକୁଦ, ମାଛକୁଣ୍ଡ, ରେଙ୍ଗାଲି ଓ ମନ୍ଦିରା ବନ୍ଧର ଅବବାହିକା ଅଞ୍ଚଳର ପ୍ରାୟ ୩ ହଜାର ହେକ୍‌ଟର ଜମିରେ ନୂଆ [illegible] ବୃକ୍ଷ ରୋପଣ କରାଯାଇଛି । ଯେଉଁ ଅଞ୍ଚଳଗୁଡ଼ିକରେ ବିଶେଷ କରି ପୋଡ଼ୁଚାଷ ଆଗୁଆ ଅଞ୍ଚଳରେ ଜଙ୍ଗଲ ସଂପଦର କ୍ଷତି [illegible] ପୂରଣ ନିମନ୍ତେ ଯେଉଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ତଦନୁଯାୟୀ କୋରାପୁଟ ଜିଲ୍ଲାର ମାଲକାନ୍‌ଗିରି ଡି[illegible] ଡିଭିଜନରେ ପ୍ରାୟ ୮,୦୯୦ ହେକ୍‌ଟର ଜମିରେ ବିଭିନ୍ନ ଚାରା ରୋପଣ କରାଯାଇଛି ।

## ସମବାୟ

୧୯୭୯ ମରୁଡ଼ିରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ କୃଷି ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ସରକାର [illegible] ସେମାନଙ୍କୁ ସମବାୟ ସମିତିଗୁଡ଼ିକର ସଦସ୍ୟଭୁକ୍ତ କରିବା ଲାଗି ୧କୋଟି ଟଙ୍କା ମଞ୍ଜୁର କରିଥିଲେ । ଏହି ଅର୍ଥ ଦ୍ୱାରା [illegible] ୯୦,୯୦୯ ଜଣ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଓ ଋଣ ଗ୍ରହଣ କରି ନଥିବା ୪ଲକ୍ଷ ସଦସ୍ୟଙ୍କୁ ଯେପରି ଉକ୍ତ ସମବାୟ ସମିତିଗୁଡ଼ିକରେ ସଦସ୍ୟଭୁକ୍ତ କରାଯାଇ ପାରିବ ସେଥି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସୁଖର କଥା ଯେ ୧୯୮୧ ମସିହା ମାର୍ଚ୍ଚ [illegible] ସୁଦ୍ଧା ୧୦୨ ଲକ୍ଷ ବ୍ୟକ୍ତିଙ୍କୁ ଏହି ସମବାୟ ସମିତିଗୁଡ଼ିକର ପ୍ରଭାବଶାଳୀ ସଦସ୍ୟ ରୂପେ ଗ୍ରହଣ କରାଯାଇଛି ଓ ୧ କୋଟି ଟଙ୍କା [illegible] ୭୩.୯୬ ଲକ୍ଷ ଟଙ୍କା ଏଥି ନିମନ୍ତେ ମଞ୍ଜୁର କରାଯାଇଛି । ୧୯୮୦ ଜୁଲାଇ ପହିଲାଠାରୁ ଆରମ୍ଭ ହୋଇଥିବା ୧୯୮୦-[illegible] ସମବାୟ ବର୍ଷ ମଧ୍ୟରେ ୫୬ କୋଟି ଟଙ୍କା ସ୍ୱଳ୍ପକାଳୀନ କୃଷି ଋଣ, ୧୫·୫୦ କୋଟି ଟଙ୍କା ମଧ୍ୟବର୍ତ୍ତୀ କାଳୀନ କୃଷି ଋଣ ଓ [illegible] ୧୪ କୋଟି ଟଙ୍କା ଦୀର୍ଘକାଳୀନ କୃଷିଋଣ ବାବଦରେ ବିନିଯୋଗ କରିବା ଲାଗି ପ୍ରସ୍ତାବ ରଖାଯାଇଛି । ଏହା କାର୍ଯ୍ୟକାରୀ [illegible] ହେଲେ ଚାଷୀମାନେ ଅଧିକ ଉତ୍ପାଦନ କରିବା ଦିଗରେ ସମର୍ଥ ହୋଇପାରିବେ ବୋଲି ଆଶା କରାଯାଏ ।



OGP—MP-VI (I. & P. R.) 18—5,000—19-6-1981 

# ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ପଦକ୍ଷେପ ଓ ସାଫଲ୍ୟ

* ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କୋରାପୁଟ ଜିଲ୍ଲାର ଦାମନଯୋଡ଼ିଠାରେ ୧୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏସିଆର ବୃହତ୍ତମ ଆଲୁମିନିୟମ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।

* ଅଧିକ ରିହାତି ଓ ପ୍ରୋତ୍ସାହନ ଦିଆଯାଇ ଓଡ଼ିଶାରେ ନୂତନ ଶିଳ୍ପନୀତି କାର୍ଯ୍ୟକାରୀ କରାଯାଉଛି ।

* ଇଲେକ୍ଟ୍ରୋନିକ ଶିଳ୍ପର ବିକାଶ ଲାଗି ଏକ ଇଲେକ୍ଟ୍ରୋନିକ ଉନ୍ନୟନ କର୍ପୋରେସନ ଶୀଘ୍ର ସ୍ଥାପନ କରାଯାଉଛି ।

* ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗ କରାଯାଇ ୧୯୦ଟି ମଧ୍ୟମ ଓ ବୃହତ୍ ଶିଳ୍ପ ବସାଯାଉଛି । ଏଗୁଡ଼ିକରେ ୭୪ ହଜାର ଲୋକ ନିଯୁକ୍ତି ପାଇବେ ।

* ୨୦୦୩ଟି କ୍ଷୁଦ୍ର ଶିଳ୍ପାନୁଷ୍ଠାନରେ ଉତ୍ପାଦନ ଆରମ୍ଭ ହେଲଣି ଓ ସେଥିରେ ୧୪ ହଜାରରୁ ଅଧିକ ଲୋକ ନିଯୁକ୍ତି ପାଇଲେଣି ।

* ୬୦ କୋଟି ଟଙ୍କା ବିନିଯୋଗରେ ୯ଟି ସୂତାକଳ ବସାଯାଉଛି ।

* ଚନ୍ଦକାଠାରେ ୬୭ କୋଟି ଟଙ୍କା ବିନିଯୋଗରେ ଏକ କେନ୍ଦ୍ରୀୟ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠିତ ହେଉଛି । ଏଠାରେ ୧୦ଟି ମଧ୍ୟମ ଓ ବୃହତ୍ ଶିଳ୍ପ ବସାଯିବ ।

* ଜଗତପୁରଠାରେ ରାଜ୍ୟର ପ୍ରଥମ ଟେକ୍ସଟାଇଲ ପ୍ରସେସିଂ କାରଖାନା ଖୋଲା ହେଲଣି ।

* ୩୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ଓ କୁଟୀର ଶିଳ୍ପରେ ପ୍ରାୟ ୫୫ ହଜାର ଲୋକ ନିଯୁକ୍ତି ପାଇଛନ୍ତି ।

* ପାରାଦୀପଠାରେ ବୃହତ୍ ବନ୍ଦରଭିତ୍ତିକ ଇସ୍ପାତ କାରଖାନା ଏବଂ ଫସଫେଟିକ୍ ସାର କାରଖାନା ପ୍ରତିଷ୍ଠିତ ହେବାକୁ ଯାଉଛି ।

* ଭୁବନେଶ୍ୱର–ନୂଆଦିଲ୍ଲୀ ଏବଂ କଲିକତା–ହାଇଦ୍ରାବାଦ ମଧ୍ୟରେ ସିଧାସଳଖ ବୋଇଂ ବିମାନ ଚଳାଚଳ ଯୋଗୁଁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି ।

* ବରକୁଲଠାରେ ୧୮ଟି ପ୍ରକୋଷ୍ଠ ବିଶିଷ୍ଟ ଏକ ପର୍ଯ୍ୟଟନ କେନ୍ଦ୍ର ଖୋଲାଯାଉଛି ।

* ବିଭିନ୍ନ ସ୍ଥାନରେ ୬୦ରୁ ଊର୍ଦ୍ଧ୍ୱ ହୋଟେଲ ନିର୍ମାଣ ହେବାପାଇଁ ମଞ୍ଜୁର କରାଗଲଣି ।

* କଟକ, ପାରାଦୀପ, ଗୋପାଳପୁର, ସୁନାବେଡ଼ା ଓ ରାଉରକେଲାଠାରେ ନୂତନ ହୋଟେଲ ନିର୍ମାଣ କରାଯାଉଛି ।

Vol. XXXVII No. 11

Regd. No. O...

Licence No. C. R. N. P. 5—Licensed to post without Pre-Payment

ସାଧବ ପୁଅ ବୋଇତ ଉପରେ ମୁଖ୍ୟମନ୍ତ୍ରୀ ଶୁଭଚିହ୍ନ ସ୍ଥାପନ କରୁଛନ୍ତି ।



ପାରାଦୀପରେ ବୋଇତ ବନ୍ଦାଣ ଉତ୍ସବ







ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପାରାଦୀପଠାରେ ନୌବାହିନୀ ଜାହାଜ ପରିଦର୍ଶନ କରୁଛନ୍ତି